**ସଂକ୍ଷେପରେ**

## ମକା କ୍ଷେତରେ ଅଜଗର



ପାପଡ଼ାହାଣ୍ଡି/ମଇଦଲପୁର, ୪।୮ (ସ୍ୱପ୍ନଜିତ ପଟ୍ଟନାୟକ/ସଦାଶିବ ଦାସ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ମାଝିଗୁଡ଼ା ପଞ୍ଚାୟତ ବଣ୍ଡକାଲଦି ଗ୍ରାମ ଜଙ୍ଗଲ ନିକଟ ମକା କ୍ଷେତରୁ ଶୁକ୍ରବାର ଏକ ଅଜଗର ସାପକୁ ମଇଦଲପୁର ବନ ବିଭାଗ ଉଦ୍ଧାର କରିଛି। ମଧ୍ୟାହ୍ନ ପ୍ରାୟ ୧୨ଟାରେ କ୍ଷେତରେ କାମ କରିବାବେଳେ ଜମି ମାଲିକ ମନ୍ଦାର ଜାନି ସାପଟିକୁ ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଗ୍ରାମବାସୀ ମଇଦଲପୁର ବନ ବିଭାଗକୁ ଏ ନେଇ ଜଣାଇଥିଲେ। ମଇଦଲପୁର ବନ ବିଭାଗ ଅଧିକାରୀ ମଧୁସୂଦନ ପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ପ୍ରାୟ ୭ ଫୁଟର ଅଜଗରକୁ ଉଦ୍ଧାର କରିଥିଲା। ଖାଦ୍ୟ ଅନ୍ୱେଷଣରେ ଜଙ୍ଗଲୀ ଜୀବଜନ୍ତୁ, ସରୀସୃପ ଏବେ ଗାଁ ମୁହାଁ ହେଉଛନ୍ତି। ଅଜଗର ପ୍ରାୟତଃ ଏ ଅଞ୍ଚଳରେ ଦେଖିବାକୁ ମିଳି ନ ଥାଏ। ସାପଟିର ସ୍ୱାସ୍ଥ୍ୟ ପରୀକ୍ଷା ପରେ ତାହାକୁ ସୁରକ୍ଷିତ ସ୍ଥାନରେ ଛଡ଼ାଯିବ ବୋଲି ବନ ବିଭାଗ ଅଧିକାରୀ ମଧୁସୂଦନ ପାତ୍ର କହିଛନ୍ତି।

## ଭାଜପା କାର୍ଯ୍ୟାଳୟରେ ସମ୍ବର୍ଦ୍ଧନା ସଭା




ଉମରକୋଟ, ୪।୮ (ସନ୍ତୋଷ ଶତପଥୀ)

ଉମରକୋଟ ଭାଜପାର ବିଧାୟକ ନିତ୍ୟାନନ୍ଦ ଗଣ୍ଡଙ୍କୁ ରାଜ୍ୟ ଅନୁସୂଚିତ ଜନଜାତି ମୋର୍ଚ୍ଚା ସଭାପତି ଭାବେ ପୁନଃ ଚୟନ କରାଯାଇଛି। ସେହିଭଳି ବରିଷ୍ଠ ନେତା ରମେଶ ସାହୁଙ୍କୁ ଭାଜପା ରାଜ୍ୟ ସମ୍ପାଦକ ଭାବେ ଚୟନ କରାଯାଇଛି। ଏହି ଅବସରରେ ଉମରକୋଟ ଭାଜପା କାର୍ଯ୍ୟାଳୟରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଛି। ଉମରକୋଟ ଅଞ୍ଚଳର ୨ ନେତାଙ୍କୁ ରାଜ୍ୟ ସଂଗଠନରେ ସ୍ଥାନ ଦେଇଥିବାରୁ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ସମସ୍ତ କର୍ମକର୍ତ୍ତା ଉଭୟ ନେତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ରାଜ୍ୟ ସଭାପତି ମନମୋହନ ସାମଲ ତଥା ରାଜ୍ୟ ନେତୃତ୍ୱଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ନଗର ସାଧାରଣ ସମ୍ପାଦକ ପ୍ରଭାତ ନାୟକ ମଞ୍ଚ ପରିଚାଳନା ଓ ସଭାପତି ଗୋପୀନାଥ ସାହୁ ସଭାପତିତ୍ୱ କରିଥିଲେ। ଅଶୋକ ପାଢ଼ୀ, ସନ୍ତୋଷ ମହାପାତ୍ର, ସୁରେଶ କୁମାର ଆଚାର୍ଯ୍ୟ, ମନ୍ଦିରା ନାୟକ, ଶରତ ଜେନା, ବାପି ମଲ୍ଲିକ, ରମେଶ ଦାସଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ପ୍ରକଳ୍ପରେ ଥିବା ତ୍ରୁଟିର ପୁନରାବୃତ୍ତି ନ କରିବାକୁ ନିର୍ଦ୍ଦେଶ

**ବ୍ଲକସ୍ତରୀୟ ଜନଶୁଣାଣି ଶିବିର**

ଡାବୁଗାଁ, ୪।୮ (ପ୍ରଜ୍ଞାରଞ୍ଜନ ପରିଡ଼ା)




ବୈଠକରେ ଅଧିକାରୀ, ଲୋକପ୍ରତିନିଧି ଓ ଅନ୍ୟମାନେ।

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷଠାରେ ୨୦୨୨-୨୩ ଆର୍ଥିକ ବର୍ଷର ୧ ଅକ୍ଟୋବର ୨୦୨୨ରୁ ୩୧ ମାର୍ଚ୍ଚ ୨୦୨୩ ପର୍ଯ୍ୟନ୍ତ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ ଯୋଜନାରେ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପ ଉପରେ ଜନଶୁଣାଣି ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ବୀଣା ମାଝିଙ୍କ ବୈଠକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସମ୍ପର୍କିତ ପ୍ରକଳ୍ପ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଯୋଜନାରେ ଜବ୍‌କାର୍ଡଧାରୀ ଶ୍ରମିକମାନେ କେତେଦିନ କାର୍ଯ୍ୟ କରିଛନ୍ତି, ମଜୁରି ପାଇଛନ୍ତି କି ନାହିଁ, ହିତାଧିକାରୀ ସମ୍ପୂର୍ଣ୍ଣ ଅର୍ଥ ପାଇଛି କି ନାହିଁ ତାହାର ସମୀକ୍ଷା କରାଯାଇଥିଲା।

୨୦୨୨-୨୩ ଆର୍ଥିକ ବର୍ଷରେ ଏହି ଯୋଜନାରେ ୧ ଅକ୍ଟୋବର ୨୦୨୨ ଠାରୁ ୩୧ ମାର୍ଚ୍ଚ ୨୦୨୩ ସୁଦ୍ଧା ୧୦୩ କୋଟି ୩ ଲକ୍ଷ ୭୭ ହଜାର ଟଙ୍କା ବ୍ୟୟ କରାଯାଇଛି। ମାର୍ଚ୍ଚ ୨୦୨୩ ସୁଦ୍ଧା ୫ ଲକ୍ଷ ୧୫ ହଜାର ୩୦୪ ଟି କାର୍ଯ୍ୟ ଦିବସ ସୃଷ୍ଟିକରିବା ପାଇଁ ଟାର୍ଗେଟ ଥିବାବେଳେ ୮ ଲକ୍ଷ ୫ ହଜାର ୭ ଟି କାର୍ଯ୍ୟଦିବସ ସୃଷ୍ଟି କରାଯାଇଛି। ଏଥିରେ ୧୫ ହଜାର ୯୪ଟି ପରିବାର ପଞ୍ଜୀକୃତ ହୋଇଥିବା ବେଳେ ୧୦ ହଜାର ୫୫୯ଟି ପରିବାରକୁ କାର୍ଯ୍ୟ ଯୋଗାଇ ଦିଆଯାଇଛି। ୧ ଅକ୍ଟୋବର ୨୦୨୨ରୁ ୩୧ ମାର୍ଚ୍ଚ ୨୦୨୩ ପର୍ଯ୍ୟନ୍ତ ମୋଟ ୨୮୩୦ ପରିବାର ୧୦୦ ଦିନର କାର୍ଯ୍ୟ ପୂରଣ କରିଛନ୍ତି। ଏଥିରେ ମୋଟ ୩୮୨୯ ପ୍ରକଳ୍ପରୁ ୧୨୧୮ଟି ପ୍ରକଳ୍ପ ସମ୍ପୂର୍ଣ୍ଣ କରାଯାଇଛି। ଅନେକ ପ୍ରକଳ୍ପରେ ଥିବା ତ୍ରୁଟି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉକ୍ତ ତ୍ରୁଟି ସୁଧାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସାମାଜିକ ସମୀକ୍ଷାରେ ଦେଖାଯାଇଥିବା ତ୍ରୁଟିର ପୁନରାବୃତ୍ତି ନ କରିବାକୁ ନବରଙ୍ଗପୁର ଜିଲା ପରିଷଦ ଏପିଡି (ଆଡମିନ) ଦୁର୍ଯ୍ୟୋଧନ ଭୋଇ ଉପସ୍ଥିତ ସରକାରୀ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

କାର୍ଯ୍ୟକ୍ରମରେ ବିଡିଓ ଶରତ ମାଝି, ନବରଙ୍ଗପୁର ଜିଲା ସାମାଜିକ ସମୀକ୍ଷକ ବୈବସ୍ୱତ ଚାଲାଣ, ଏବିଡିଓ ପଦ୍ମନାଭ ତ୍ରିପାଠୀ, ଜିଲା ପରିଷଦ ସଭ୍ୟ ଜୋନ୍-୨ ଗୁପ୍ତ ବିଷୋୟୀ, ଜନଶୁଣାଣି କମିଟି ସଭ୍ୟ ସୁରେନ୍ଦ୍ର ମିଶ୍ର ଓ ନିକୁଞ୍ଜ କିଶୋର ଦାସ, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ବର୍ଣ୍ଣବାସ ନାୟକ, ବ୍ଲକ ସାମାଜିକ ସମୀକ୍ଷକ ଶାରଦା ତ୍ରିପାଠୀ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଏ.ଡି. ପ୍ରସାଦ, ସହକାରୀ ଉଦ୍ୟାନ ଅଧିକାରୀ ରବିଚନ୍ଦ୍ର ପଣ୍ଡା, ମୃତ୍ତିକା ସଂରକ୍ଷଣ ରେଞ୍ଜର ଗୌତମ ସେଠୀ, ଜିଲା ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରତାପ ହିଆଲ, ବନରକ୍ଷୀ ପ୍ରକାଶ ସରକାର ଓ ମନୋରଞ୍ଜନ ନାୟକ, ସମସ୍ତ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଜିଆର୍‌ଏସ୍, ଜବ୍ କାର୍ଡଧାରୀ ଶ୍ରମିକମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସହାୟକ ବିଦ୍ୟାଧର ବିଶୋଇ ପରିଚାଳନା କରିଥିଲେ।

## ଜମି ମାଲିକଙ୍କ ବଦଳରେ ଅନ୍ୟ ନାମରେ ହୋଇଛି ବୀମା

ତେନ୍ତୁଲିଖୁଣ୍ଟି, ୪।୮ (ଚିଦାନନ୍ଦ ସାହୁ)

**ଫସଲବୀମା ଯୋଜନାରେ ହେରଫେର**

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ଝରିଗୁମ୍ମା ପଞ୍ଚାୟତ ବିରିଗୁଡ଼ା ଗ୍ରାମର ପଞ୍ଚାନନ ମାଝିଙ୍କ ୧୭ ପ୍ଲଟର ୩୨ଏକର ଜମି ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ଅଜଣା ବ୍ୟକ୍ତିଙ୍କ ନାମରେ ପଞ୍ଜୀକୃତ ହୋଇଥିବା ଅଭିଯୋଗ ଆସିଛି। ତାଙ୍କର ଖାତା ନମ୍ବର ୧୦୦ରେ ଥିବା ୩୪ ଏକର ଜମିର ଫସଲ ବୀମା କରିବାକୁ ଯାଇଥିଲେ। ତାଙ୍କ ଜମିର ୩୨ ଏକର ଆଗରୁ କୁନ୍ତଳା ମାଝି, ନରେନ୍ଦ୍ର ମାଝି, ଘସିନୀ ମାଝି, ଶଶୀ ମାଝି, ଅଲେଖ ମାଝିଙ୍କ ନାମରେ ପଞ୍ଜୀକୃତ ହୋଇଛି। ଏ ନେଇ ବ୍ଲକ କୃଷି ଅଧିକାରୀଙ୍କୁ ପଞ୍ଚାନନ ଲିଖିତ ଅଭିଯୋଗକରି କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରିଥିଲେ। ସହକାରୀ କୃଷି ଅଧିକାରୀ ମାନସ ରଞ୍ଜନ ନାୟକ ଯେଉଁ ଏଜେନ୍ସି ପ୍ରଧାନମନ୍ତ୍ରୀ ଫସଲବୀମା ଦାୟିତ୍ୱ ନେଇଛି ତା'ର ଭୁବନେଶ୍ୱର ମୁଖ୍ୟଙ୍କୁ ଅବଗତକରି କାର୍ଯ୍ୟାନୁଷ୍ଠାନ ପାଇଁ କହିଥିଲେ। ଇତିମଧ୍ୟରେ ୨୪ ଘଣ୍ଟା ବିତିଲାଣି, ଏଜେନ୍ସି କିଛି କରିନାହିଁ। ଶନିବାର ଫସଲବୀମା ଶେଷ ତାରିଖ। ୩୨ ଏକର ଯେଉଁମାନଙ୍କ ନାମରେ ହୋଇଛି ସେମାନେ କେଉଁଠାର, କେଉଁଠି ପଞ୍ଜୀକୃତ କରିଛନ୍ତି ତାହା ଜଣାପଡୁ ନ ଥିବାବେଳେ ସେମାନଙ୍କ ନାମରେ ହୋଇଥିବା ଫସଲବୀମା ବାତିଲ କରିବାକୁ ପଞ୍ଚାନନ ଦାବି କରିଛନ୍ତି। ଲୋକ ଫସଲବୀମା କରିବାକୁ ଅମଙ୍ଗ ହେଉଥିବା ବେଳେ ଏଭଳି ହେରଫେର ନୂଆ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ରାସ୍ତା ଖୋଳି ଛାଡ଼ିଦେଲେ ଠିକାଦାର



ଶୋଚନୀୟ ରାସ୍ତା ।

ଚନ୍ଦାହାଣ୍ଡି, ୪।୮ (ଦିଲୀପ ଦାସ)

**ହଇରାଣ ହେଉଛନ୍ତି ଲୋକେ**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଫଟକି ପଞ୍ଚାୟତ ଅଧୀନ ଦେଓବନ୍ଧ-ଲଧୁଆପଡା ରାସ୍ତାକୁ କଲଭର୍ଟ ନିର୍ମାଣ ପାଇଁ ଆଇଟିଡିଏ ପକ୍ଷରୁ ଦୀର୍ଘ ଦିନ ହେଲା ଖୋଳି ଦିଆଯାଇଛି। ଚନ୍ଦାହାଣ୍ଡି ସଦର ମହକୁମା ଓ ପଞ୍ଚାୟତକୁ ଯିବାକୁ ଲୋକେ ହଇରାଣ ହେଉଥିବା ଫଟକି ସରପଞ୍ଚ ମଞ୍ଜୁନାଥ ମାଝି କହିଛନ୍ତି। ଉକ୍ତ ରାସ୍ତା ବର୍ଷା ଦିନରେ କରାଯାଉଥିବା ବେଳେ କାର୍ଯ୍ୟର ସୂଚନା ଫଳକ ଲଗାଯାଇନାହିଁ। କାର୍ଯ୍ୟ କରୁଥିବା ଠିକାଦାର ଜେସିବି ଲଗାଇ ଖୋଳି ଦେଇଥିବାରୁ ବିଦ୍ୟାଳୟ ଯାଉଥିବା ଛାତ୍ରୀଛାତ୍ର, ଡାକ୍ତରଖାନା ଓ ଅନ୍ୟ ବ୍ୟବସାୟିକ କାର୍ଯ୍ୟ ପାଇଁ ଲୋକେ ଅନ୍ୟ ରାସ୍ତା ଦେଇ ବୁଲିକି ଯାଉଛନ୍ତି। ବିଭାଗୀୟ ଯନ୍ତ୍ରୀଙ୍କୁ ବର୍ଷା ଦିନରେ କାର୍ଯ୍ୟ ନ କରିବା ପାଇଁ ମନା କରିବା ସତ୍ତ୍ୱେ ମଧ କାର୍ଯ୍ୟ ବନ୍ଦ କରି ନ ଥିବା ଫଟକି ସରପଞ୍ଚ ଖବରଦାତାଙ୍କୁ କହିଛନ୍ତି। ଆଇଟିଡିଏ ଯନ୍ତ୍ରୀ ପଦ୍ମ ଚରଣଙ୍କୁ ପଚାରିବାରୁ ସେ ଘଟଣାକୁ ସ୍ୱୀକାର କରି ରାସ୍ତା ଶୀଘ୍ର ପୋତି ଦିଆଯିବ ବୋଲି କହିଛନ୍ତି ।

## ୭ ବିହନ ବିକ୍ରେତାଙ୍କୁ କାରଣ ଦର୍ଶାଅ ନୋଟିସ

ତେନ୍ତୁଲିଖୁଣ୍ଟି, ୪।୮ (ଚିଦାନନ୍ଦ ସାହୁ)

ତେନ୍ତୁଲିଖୁଣ୍ଟି ବ୍ଲକରେ ବିହନ ବିକ୍ରୟ ପାଇଁ ପଞ୍ଜୀକୃତ ୮ଟି ବିହନ ବିକ୍ରୟ କେନ୍ଦ୍ରରେ କୃଷି ବିଭାଗର ଏକ ଟିମ୍ ଯାଞ୍ଚ କରିଥିଲା। ବିହନ ବିକ୍ରି ଇ-ପୋର୍ଟାଲରେ ବିହନ ବିକ୍ରେତାମାନେ ବିକ୍ରି ସମ୍ବନ୍ଧିତ ବିବରଣୀ ସାମିଲକରି ନ ଥିବାରୁ ଏହି ଯାଞ୍ଚ କରାଯାଇଛି। ଯାଞ୍ଚବେଳେ ଏପ୍ରିଲରୁ ଅଗଷ୍ଟ ମାସ ପର୍ଯ୍ୟନ୍ତ ବିକ୍ରି କରିଥିବା ବିହନ ଓ ଚାଷୀଙ୍କ ନାମ ତାଲିକା, ବିହନ କମ୍ପାନୀର ନାମ ଓ ବିହନର ନାମ ତାଲିକା ଏବଂ ଚାଷୀଙ୍କୁ ବିକ୍ରିବେଳେ କାରବାରର ବିଲ୍ ବା କ୍ୟାଶ୍ ମେମୋ ଦେଖାଇବାକୁ ବିହନ ବିକ୍ରେତାଙ୍କୁ କୁହାଯାଇଥିଲା। ୭ଟି ବିହନ କେନ୍ଦ୍ର ଏ ସବୁ ଦେଖାଇପାରି ନ ଥିଲେ। ଏଥିପାଇଁ କୃଷକ ସଖା ଇଣ୍ଟରପ୍ରାଇଜେସ୍, ବନବାସୀ, ରାଧାକାନ୍ତ ଫର୍ଟିଲାଇଜର, ଶଶିଭୂଷଣ ଫର୍ଟିଲାଇଜର, ଦୁର୍ଗା ଫର୍ଟିଲାଇଜର, ବେନିୟା ଇଣ୍ଟରପ୍ରାଇଜେସ୍ , ଗୁଣଗୁଣ ଫର୍ଟିଲାଇଜରକୁ ନୋଟିସ ଦିଆଯାଇଛି। ଜିଲା କୃଷି ଅଧିକାରୀ ବିଧୁଭୂଷଣ ମହାକୁଡ଼, ତେନ୍ତୁଲିଖୁଣ୍ଟି ବ୍ଲକ ସହକାରୀ କୃଷି ଅଧିକାରୀ ମାନସ ରଞ୍ଜନ ନାୟକ ଓ ଏଟିଏମ୍ ବାଳଗୋବିନ୍ଦ ସାହୁ ଯାଞ୍ଚ କରିଥିଲେ। ଏଭଳି ଚଢ଼ାଉ ଓ ଯାଞ୍ଚ ସାର ଦୋକାନରେ କରିବା ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ ପାଇଛି। ୨୭୦ ଟଙ୍କା ସାରକୁ ୩୫୦ରେ ବିକ୍ରି କରାଯାଉଥିବା ଅଭିଯୋଗ ହୋଇଛି।



ଅଧିକାରୀମାନେ ଯାଞ୍ଚ କରୁଛନ୍ତି।

## ମଦ ଜବତ, ଜଣେ ଗିରଫ

ଗୋପାଳପୁର,୪।୮ (ନବୀନରାଜ ଆଚାରୀ)

ଚୋରା ଦେଶୀ ମଦ ବିକ୍ରି ଅଭିଯୋଗରେ ଗୋଳନ୍ଧରା ଥାନା ପୋଲିସ ଶୁକ୍ରବାର ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ତତଡାପୁଲୀ ଗ୍ରାମର ଏମ. କାମେୟା (୪୫)। ତତଡାପୁଲୀ ଗ୍ରାମରେ କାମେୟା ଗତ କିଛି ଦିନ ହେଲା ଚୋରାରେ ଦେଶୀ ମଦ ବିକ୍ରି କରୁଥିଲେ। ଗୁରୁବାର ରାତିରେ ଗୋଳନ୍ଧରା ଥାନା ପୋଲିସ ସେଠାରେ ଚଢ଼ାଉ କରି କାମେୟାଙ୍କୁ କାବୁ କରିବା ସହ ତାଙ୍କଠାରୁ ୬୦ ଲିଟର ଦେଶୀ ମଦ ଜବତ କରିଥିଲା। ଏ ନେଇ ନଂ. ୩୭୮/୨୩ ରେ ଅବକାରୀ ମାମଲା ରୁଜୁ କରି ଶୁକ୍ରବାର କାମେୟାଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଆନ୍ଦୋଳନ ପ୍ରସ୍ତୁତି ଚଳାଇଛି କୃଷି ସେବା ସଂଘ

ତେନ୍ତୁଲିଖୁଣ୍ଟି/ନନ୍ଦାହାଣ୍ଡି/ରାୟଗଡ଼ା, ୪।୮ (ଚିଦାନନ୍ଦ ସାହୁ/ପ୍ରତୀପ ଦାଶ/ଭାଗ୍ୟଶ୍ରୀ ମିଶ୍ର)

ରାଜ୍ୟରେ ସ୍ୱତନ୍ତ୍ର କୃଷି ବଜେଟ ଉପସ୍ଥାନ କରି ରେକର୍ଡ ସୃଷ୍ଟି କରୁଥିବବେଳେ ୨ବର୍ଷ ଧରି କୃଷି ସେବା କ୍ୟାଡ଼ର ପୁନର୍ବିନ୍ୟାସ କରୁନାହାଁନ୍ତି। ରଷ୍ଟ୍ରୀୟ କୃଷି ବିସ୍ତାର ପ୍ରବନ୍ଧସଂସ୍ଥାନ ପକ୍ଷରୁ ଗଠିତ କମିଟି କ୍ୟାଡ଼ର ପୁନର୍ବିନ୍ୟାସ ପାଇଁ ସୁପାରିଶ ଜୁଲାଇ ୧୪ରେ ଦେଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟ ସରକାର କିଛି ପଦକ୍ଷେପ ନେଇ ନାହାଁନ୍ତି। ଦାବି ସତ୍ତ୍ୱେ କିଛି ପଦକ୍ଷେପ ନିଆ ଯାଉ ନ ଥିବାରୁ କୃଷି ସେବା ସଂଘ ୮ ଅଗଷ୍ଟରେ ଦାବିପତ୍ର ଦେବ ଓ ପରବର୍ତ୍ତୀ ସମୟରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କହିଛନ୍ତି। କୃଷି ସେବା ସଂଘ ଆନ୍ଦୋଳନକୁ ଓହ୍ଲାଇଲେ କୃଷି ଭିତ୍ତିକ ଯୋଜନା କାଳିଆ, ବଳରାମ, ଫସଲବୀମା ଓଡିଶା ଯାନ୍ତ୍ରିକ କୃଷି, ଡିଜିଟାଲ କୃଷି, ଅର୍ଥକରୀ ଫସଲ ମିଶନ, ମିଲେଟ ମିଶନ, ପ୍ରତିକୂଳ ଜଳବାୟୁ କୃଷି ଆଦି ବାଧିତ ହେବା ଆଶଙ୍କା ରହିଛି। ଭାରତୀୟ କୃଷି ଅନୁସନ୍ଧାନ ସଂସ୍ଥାନ ୨୦୧୬ରୁ କୃଷି ଭିତ୍ତିକ ଶିକ୍ଷାକୁ ବୃତ୍ତିଗତ ଶିକ୍ଷାର ମାନ୍ୟତା ଦେଇଛି। ଅଦ୍ୟାବଧି କୟଦର ପୁନର୍ବିନ୍ୟାସ କରିବା ଦୁରରକଥା ସୀମିତ ଅଧିକାରୀଙ୍କ ଉପରେ ବିଭାଗର ସମସ୍ତ ଯୋଜନାର ଚାପ ଦିଆଯାଇଛି। ପଦୋନ୍ନତିର କିଛି ମାନେ ରହୁନି। ଖାଲି ପଦବୀ ପୂରଣ ହେଉନି। ରାଜ୍ୟ ସରକାର ତ୍ୱରିତ ପଦକ୍ଷେପ ନ ନେଲେ ସମସ୍ତ କୃଷି ଅଧିକାରୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଖବରଦାତାଙ୍କୁ ପ୍ରେସବିବୃତ୍ତି ଦେଇଛନ୍ତି। କୃଷି ଯୋଜନା ବାଧିତ ହେବା ପୂର୍ବରୁ ପଦକ୍ଷେପ ନେବାକୁ ଦାବି ହେଉଛି।

## ଜୀବେ ଦୟା ମନୋଭାବ ରଖିବା ଜରୁରୀ

ନବରଙ୍ଗପୁର,୪।୮ (ସଦାଶିବ ପ୍ରହରାଜ)

**ଜୀବଜନ୍ତୁଙ୍କ ପ୍ରତି ନିଷ୍ଠୁରତା ନିରାକରଣ ସମ୍ପର୍କିତ ସଚେତନତା କର୍ମଶାଳା**

ନବରଙ୍ଗପୁର ଜିଲାସ୍ତରୀୟ ଜୀବଜନ୍ତୁ ନିଷ୍ଠୁରତା ନିରାକରଣ ଆଇନ-୧୯୬୦ ସମ୍ପର୍କରେ ଏକଦିନିକିଆ ସଚେତନତା କର୍ମଶାଳା ସ୍ଥାନୀୟ ଜିଲା ପଞ୍ଚାୟତ ସାଧନ କେନ୍ଦ୍ର ସଭାଗୃହରେ ଅନୁଷ୍ଠିତ ହୋଇଛି। ଜିଲା ଜୀବ ନିଷ୍ଠୁରତା ନିରୋଧ ସମିତି ଆନୁକୂଲ୍ୟରେ ଆୟୋଜିତ ଏହି ସଚେତନତା କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଜିଲାପାଳ କମଳ ଲୋଚନ ମିଶ୍ର ଯୋଗଦେଇଥିଲେ। ପ୍ରାଣୀମାନଙ୍କ ପ୍ରତି ହେଉଥିବା ନିଷ୍ଠୁରତା କିପରି ରୋକାଯାଇପାରିବ ଏବଂ ଜୀବେ ଦୟା ମନୋଭାବ ନେଇ ସମସ୍ତେ ସଚେତନ ହୋଇ ନିଜସ୍ତରରେ ଯତ୍ନବାନ୍ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଜିଲାରେ ଗୋ ସୁରକ୍ଷା ନିମନ୍ତେ ଆବଶ୍ୟକ ଗୋ-ଶାଳା ନିର୍ମାଣ କରିବା ପାଇଁ ଇଚ୍ଛୁକ ଅନୁଷ୍ଠାନ ଆଗ୍ରହ ପ୍ରକାଶ କରି ଆବେଦନ କଲେ ସରକାରୀ ନିୟମାନୁଯାୟୀ ଆବଶ୍ୟକ ସହାୟତା ଜିଲା ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ଜିଲାପାଳ କହିଛନ୍ତି। ବେଆଇନ ଗୋ-ଚାଲାଣ ଓ ଅମାନବୀୟ ଗୋହତ୍ୟା ପ୍ରାଣୀ ସମାଜ ଉପରେ କିପରି କୁପ୍ରଭାବ ପକାଉଛି ଏବଂ ଏହାକୁ କିଭଳି ପ୍ରତିହତ କରାଯାଇପାରିବ ସେ ସମ୍ପର୍କରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ରାଧେଶ୍ୟାମ ଲାଏକ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତାଭାବେ ଉତ୍କଳ ଗୋଶାଳା ସମିତି ଜୀବଜନ୍ତୁ ନିରାକରଣର ସମ୍ପାଦକ ସମୀର କୁମାର ପ୍ରଧାନ ଯୋଗଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଶାନ୍ତ କୁମାର ପଟ୍ଟନାୟକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଦିଲୀପ କୁମାର କବିରାଜ, କୋଡ଼ିଙ୍ଗା ପ୍ରାଣୀ ଚିକିତ୍ସକ ଡା. ସୁନୀଲ କୁମାର ନାୟକ, ଜିଲା ଜୀବେ ନିଷ୍ଠୁରତା ସମିତି ସଭ୍ୟବୃନ୍ଦ ଯୋଗଦେଇଥିଲେ। ଡା. ସ୍ମିତାଶ୍ରୀ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଡିଭିଓ ଦିଲୀପ କୁମାର କବିରାଜ ଧନ୍ୟବାଦ ଦେଇଥିଲେ।




କର୍ମଶାଳାରେ ଜିଲାପାଳ, ଅଧିକାରୀ ଓ ଅନ୍ୟମାନେ।

## ପିଲା ସ୍କୁଲ ଯିବା ଆସିବା ବେଳେ ଭାରିଯାନ ଚଳାଚଳ ବନ୍ଦ ଦାବି

**ସରକାରୀ ଅଧିକାରୀଙ୍କୁ ଉମରକୋଟ ଯୁବ ନାଗରିକ ମଞ୍ଚର ଦାବିପତ୍ର**

ଉମରକୋଟ, ୪।୮ (ସନ୍ତୋଷ ଶତପଥୀ)



ତହସିଲଦାର ଦାବିପତ୍ର ଗ୍ରହଣ କରୁଛନ୍ତି।

ପିଲାଙ୍କ ବିଦ୍ୟାଳୟ ଯିବା ଆସିବା ସମୟରେ ଭାରୀଯାନ ଚଳାଚଳ ବନ୍ଦ କରିବାକୁ ଉମରକୋଟ ଯୁବ ନାଗରିକ ମଞ୍ଚ ଦାବି କରିଛି। ମଞ୍ଚ ପକ୍ଷରୁ ଉମରକୋଟ ତହସିଲଦାର, ଗୋଷ୍ଠି ଉନ୍ନୟନ ଅଧିକାରୀ, ଥାନା ଅଧିକାର ଓ ମୁନସିପାଲଟି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଉମରକୋଟ ସହରର ମୁଖ୍ୟ ରାସ୍ତାରେ ସକାଳ ୯ରୁ ୧୧ ଏବଂ ସନ୍ଧ୍ୟା ୩ରୁ ୫ଟା ପର୍ଯ୍ୟନ୍ତ କୌଣସି ଭାରିଯାନ ନ ଛାଡିବା ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି।

ଉମରକୋଟ ନବରଙ୍ଗପୁର ଜିଲାର ପ୍ରମୁଖ ବାଣିଜ୍ୟ କେନ୍ଦ୍ର। ଉମରକୋଟ ସହର ଦେଇ ରାଜ୍ୟ ରାଜପଥ ୩୯ ଓ ୪୦ ପଡ଼ୋଶୀ ରାଜ୍ୟ ଛତିଶଗଡ଼କୁ ସଂଯୋଗ କରୁଛି। ମୁଖ୍ୟ ରାସ୍ତା ଦେଇ ଦୈନିକ ହଜାର ହଜାର ଯାନବାହାନ ଯିବା ଆସିବା କରୁଛି। ସହର ମଧ ଦେଇ ଯାଇଥିବା ରାଜ୍ୟ ରାଜପଥର ଉଭୟ ପାର୍ଶ୍ୱରେ ଅନେକ ସାହି ରହିଛି। ସହରରୁ ବାହାରକୁ ବାହାରିବା ପାଇଁ କୌଣସି ବାଇପାସ ରୋଡ୍ ବ୍ୟବସ୍ଥା ନାହିଁ। ଏହି ଗୋଟିଏ ରାସ୍ତା ଦେଇ ସମସ୍ତେ ଯିବା ଆସିବା କରନ୍ତି। ଫଳରେ ଟ୍ରାଫିକ ସମସ୍ୟା ବଢୁଥିବାବେଳେ ଅନେକ ଦୁର୍ଘଟଣା ଘଟୁଛି। କିଛି ଦିନ ତଳେ ଜିଲାପାଳ ମଧ୍ୟ ଦୀର୍ଘ ସମୟ ଧରି ଟ୍ରାଫିକ୍‌ରେ ଫଶିଥିଲେ। କିଛି ମାସ ପୂର୍ବେ ସହରର ଗାନ୍ଧୀ ଛକ ନିକଟରେ ୨ଜଣ ଶିକ୍ଷୟିତ୍ରୀ ଦୁର୍ଘଟଣାରେ ପ୍ରାଣ ହରାଇବା ପରେ ସହରର ବୁଦ୍ଧିଜୀବୀଙ୍କ ପ୍ରୟାସରେ ଭାରୀଯାନ ଚଳାଚଳ ନିମନ୍ତେ ସମୟ ନିର୍ଦ୍ଧାରଣ କରାଯାଇଥିଲା । କିନ୍ତୁ ବର୍ତ୍ତମାନ ଉକ୍ତ ନିୟମକୁ କେହି ମାନୁ ନାହାନ୍ତି। ଗତ ସୋମବାର ରାଇଘର ରୋଡ ନିକଟରେ ଜଣେ ଯୁବତୀଙ୍କ ଗୋଡ଼ ଉପରେ ମାଲ ବୋଝେଇ ଟ୍ରକ ଚଢ଼ି ଯାଇଥିଲା। ଯୁବତୀ ଜଣକ ନିଜର ଗୋଡ଼ ହରାଇଛନ୍ତି। ସହରରେ ସକାଳ ୯ରୁ ୧୧ ମଧ୍ୟରେ ଛାତ୍ରୀଛାତ୍ରଙ୍କ ସହ ସରକାରୀ ବେସରକାରୀ କର୍ମଚାରୀ ଅଫିସ ଯିବା ସମୟ। ସେମାନେ ୩ଟାରୁ ୫ଟା ମଧ୍ୟରେ ଫେରୁଛନ୍ତି। ଉକ୍ତ ସମୟରେ ସହର ଦେଇ ଭାରିଯାନ ଚଳାଚଳ ବନ୍ଦ କରିବାକୁ ଦାବି କରାଯାଇଛି ବୋଲି ଯୁବ ନାଗରିକ ମଞ୍ଚର ସଦସ୍ୟ ସୁଦେବ ନନ୍ଦୀ କହିଛନ୍ତି।

ଯେପର୍ଯ୍ୟନ୍ତ ପ୍ରଶାସନ କୌଣସି ବାଇପାସର ସୁବିଧା ନ କରୁଛନ୍ତି ସେତେ ଦିନ ଏହି ନିୟମ ଲାଗୁ କରାଯାଉ ବୋଲି ମଞ୍ଚ ପକ୍ଷରୁ ଦାବି ହୋଇଛି। ଦାବିପତ୍ର ପ୍ରଦାନ ବେଳେ ସୁଦେବ ନନ୍ଦୀ, ସେହଜାଦ ମଲ୍ଲିକ, ପବିତ୍ର ଗଡ଼ରା, ମିଲୁ ପଣ୍ଡା, ବାଦଲ ପଟ୍ଟନାୟକଙ୍କ ସହ ମଞ୍ଚର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ୨ ମାସ ବିତିଲା, ପୁସ୍ତକ ଯୋଗାଣ ନୋହିଲା

ମାଲକାନଗିରି,୪।୮ (ଦୁର୍ଯ୍ୟୋଧନ ପାତ୍ର)

■ ମାଲକାନଗିରି ଜିଲା
■ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନେଇ ଖେଳ

ରାଜ୍ୟରେ ଶିକ୍ଷାର ବିକାଶ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଛାତ୍ରୀଛାତ୍ରଙ୍କ ଲାଗି ହଜାର ହଜାର ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ମାଲକାନଗିରି ଜିଲାରେ ଶିକ୍ଷା ବିକାଶରେ ବାଧକ ସାଜିଛି ପାଠ୍ୟ ପୁସ୍ତକ ଯୋଗାଣ। ପ୍ରଥମ ଶ୍ରେଣୀରେ ନାମ ଲେଖାଇଲେ ଛାତ୍ରୀଛାତ୍ରଙ୍କୁ ବିଦ୍ୟା ପ୍ରବେଶ ପାଠ୍ୟପୁସ୍ତିକା ପ୍ରଦାନ କରାଯାଇଥାଏ । ସେହିପରି ପ୍ରଥମରୁ ତୃତୀୟ ଶ୍ରେଣୀ ନିମନ୍ତେ ମୌଳିକ ଭାଷା ଓ ସଂଖ୍ୟାଜ୍ଞାନ ପୁସ୍ତିକା ଦିଆଯାଇଥାଏ । ଯେଉଁ ପୁସ୍ତିକାକୁ ଛାତ୍ରୀଛାତ୍ର ପଢ଼ିବା ସହ ଉକ୍ତ ପୁସ୍ତିକାରେ ଉତ୍ତର ଲେଖିବେ । କିନ୍ତୁ ଜିଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଖଇରପୁଟ, ମାଥିଲି, ଚିତ୍ରକୋଣ୍ଡା, କୋରୁକୋଣ୍ଡା, କାଲିମେଳା ଓ ପଡ଼ିଆ ବ୍ଲକର ପ୍ରାୟ ୭୦ ଭାଗ ବିଦ୍ୟାଳୟରେ ଆଜିପର୍ଯ୍ୟନ୍ତ ଏହି ତିନୋଟି ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ପୁସ୍ତକ ଦିଆଯାଇ ନ ଥିବା ଅନେକ ଅଭିଭାବକ ଅଭିଯୋଗ କରିଛନ୍ତି। ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି।

କାଲିମେଳା ବ୍ଲକରେ ପ୍ରଥମ ଶ୍ରେଣୀରେ ଚଳିତ ବର୍ଷ ୨୬୯୦ ଛାତ୍ରୀଛାତ୍ର ନାମ ଲେଖାଇଥିବା ବେଳେ ଦ୍ୱିତୀୟରେ ୨୭୪୩ ଏବଂ ତୃତୀୟରେ ୨୯୬୦ ରହିଛନ୍ତି। ସେହିପରି କୁଡୁମୁଲୁଗୁମ୍ମା (ଚିତ୍ରକୋଣ୍ଡା ବ୍ଲକ)ରେ ପ୍ରଥମ ଶ୍ରେଣୀରେ ୧୫୧୫, ଦ୍ୱିତୀୟରେ ୧୬୯୮ ଓ ତୃତୀୟରେ ୧୭୮୬, ଖଇରପୁଟ ବ୍ଲକରେ ପ୍ରଥମ ଶ୍ରେଣୀରେ ୧୧୨୯, ଦ୍ୱିତୀୟରେ ୧୧୩୨ ଓ ତୃତୀୟରେ ୧୩୩୧, କୋରୁକୋଣ୍ଡା ବ୍ଲକରେ ପ୍ରଥମ ଶ୍ରେଣୀରେ ୨୬୧୯, ଦ୍ୱିତୀୟରେ ୩୦୧୦ ଓ ତୃତୀୟରେ ୩୨୩୩, ମାଥିଲି ବ୍ଲକରେ ପ୍ରଥମ ଶ୍ରେଣୀରେ ୧୯୮୨, ଦ୍ୱିତୀୟରେ ୨୬୧୮ ଓ ତୃତୀୟରେ ୨୮୨୭, ପଡ଼ିଆ ବ୍ଲକର ପ୍ରଥମରେ ୧୦୨୬, ଦ୍ୱିତୀୟରେ ୧୩୨୦ ଓ ତୃତୀୟ ଶ୍ରେଣୀରେ ୧୪୧୦ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି।

ଏହି ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୫୦ ପ୍ରତିଶତ ପାଠ୍ୟପୁସ୍ତକ ପାଇଥିବା ବେଳେ ଆଉ ୫୦ ପ୍ରତିଶତଙ୍କ ଲାଗି ଓସେପା ତରଫରୁ ଯୋଗାଇ ଦିଆଯାଇନାହିଁ ବୋଲି ଜିଲା ଶିକ୍ଷା ସଂଯୋଜକ ଆଶୁତୋଷ ଖଟେଇ କହିଛନ୍ତି। ଓସେପା ଏହି ବହିଗୁଡିକ ପ୍ରତି ବ୍ଲକରେ ଯୋଗାଉଛି। ବ୍ଲକ ଶିକ୍ଷାଧିକାରୀ ନିଜ ନିଜ ବ୍ଲକରେ ଏହା ବିତରଣ କରିବା କଥା। ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ମାନସ କୁମାର ଜେନାଙ୍କୁ ପଚାରିବାରୁ କେଉଁ କେଉଁ ବିଦ୍ୟାଳୟରେ ପ୍ରଥମରୁ ତୃତୀୟ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବହି ଦିଆ ଯାଇନାହିଁ, କେତେ ବହି ଆସିଥିଲା, କେତେ ଆସିବାକୁ ଅଛି ତା'ର ତର୍ଜମା କରାଯାଇ ପଦକ୍ଷେପ ନିଆଯିବ। ତେବେ ଶିକ୍ଷାଦାନ ଆରମ୍ଭ ହୋଇ ୨ ମାସ ବିତି ଥିବା ବେଳେ ପୁସ୍ତକ ପାଇ ନ ଥିବା ଛାତ୍ରୀଛାତ୍ର କିପରି ପାଠ ପଢିବେ ତାକୁ ନେଇ ବୁଦ୍ଧିଜୀବୀ ଓ ଶିକ୍ଷାବିତ୍ ପ୍ରଶ୍ନ କରିଛନ୍ତି। ଆସନ୍ତା ମାସରେ ତ୍ରୈମାସିକ ପରୀକ୍ଷା ହେବାକୁଥିବା ବେଳେ ବର୍ତ୍ତମାନ ସୁଦ୍ଧା ଜିଲାର ୫୦ ପ୍ରତିଶତ ଛାତ୍ରୀଛାତ୍ର ପୁସ୍ତକ ପାଇନାହାନ୍ତି। ଏ ସମ୍ପର୍କରେ କୋରୁକୋଣ୍ଡା ବ୍ଲକ ଶିକ୍ଷାଧିକାରୀ ଅସିତ୍ କୁମାର ମିସ୍ତ୍ରିଙ୍କୁ ପଚାରିବାରୁ ପୁସ୍ତକ ଯୋଗାଇବା ପାଇଁ ମୁଁ ବାରମ୍ବାର ଚିଠି ଲେଖିଛି। କିନ୍ତୁ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ପୁସ୍ତକ ଆସି ନ ଥିବାରୁ ଅନେକ ବିଦ୍ୟାଳୟର ଛାତ୍ରୀଛାତ୍ର ପୁସ୍ତକ ପାଇପାରି ନାହାନ୍ତି।

# ଜିଲା କଂଗ୍ରେସ କମିଟିର ବୈଠକ


ବୈଠକରେ କଂଗ୍ରେସ ନେତାମାନେ ଆଲୋଚନା କରୁଛନ୍ତି ।

ନବରଙ୍ଗପୁର, ୪।୮ (ସଦାଶିବ ପ୍ରହରାଜ)

ନବରଙ୍ଗପୁରସ୍ଥିତ କଂଗ୍ରେସ ଭବନରେ ଜିଲା ସଭାପତି ମୁନ୍ନା ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସୁପ୍ରିମକୋର୍ଟ ରାହୁଲ ଗାନ୍ଧୀଙ୍କ ସଦସ୍ୟତା ଉପରେ ଦେଇଥିବା ଐତିହାସିକ ରାୟକୁ ଜିଲା କଂଗ୍ରେସ କମିଟି ସ୍ୱାଗତ କରିଛି। ଏହି ଅବସରରେ ପୂର୍ବତନ ବିଧାୟକ ସଦନ ନାୟକ, ପୂର୍ବତନ ଉପନଗରପାଳ ସୁବାଷ ଚନ୍ଦ୍ର ସୁର, ଶୃଙ୍ଖଳା କମିଟି ସଭାପତି ସତ୍ୟନାରାୟଣ ତ୍ରିପାଠୀ, କିଷାନ କଂଗ୍ରେସ ଜିଲା ସଭାପତି ବୃନ୍ଦାବନ ତ୍ରିପାଠୀ, ସରପଞ୍ଚ ଦିବାକର ପୂଜାରୀ, ନବରଙ୍ଗପୁର ଯୁବ କଂଗ୍ରେସ ସଭାପତି ସୁରଜ ଲାଲ, ନବରଙ୍ଗପୁର ବ୍ଲକ କଂଗ୍ରେସ ସଭାପତି ଅବଦୁଲ ଫିରୋଜ, ନବରଙ୍ଗପୁର ନଗର କଂଗ୍ରେସ ସଭାପତି ପ୍ରଦୀପ ସାହୁ, ରାଜ୍ୟ ରାଜୀବ ଗାନ୍ଧୀ ପଞ୍ଚାୟତ ରାଜ ସଂଯୋଜକ ପ୍ରକାଶ ସାମନ୍ତରାୟ, ମଣ୍ଡଳ କଂଗ୍ରେସ ସଭାପତି ଦେବକାନ୍ତ ପଣ୍ଡା, ବରିଷ୍ଠ କଂଗ୍ରେସ ନେତା ଭବାନୀ ପ୍ରସାଦ ସାହୁ, ପୂର୍ବତନ କାଉନସିଲର ବାମଦେବ ନାୟକ, ଯୁବନେତା ମୁକେଶ ଗୁପ୍ତା ରାୟକୁ ସ୍ୱାଗତ କରିଥିଲେ।

# ଛାତ୍ରୀଛାତ୍ର ପାଇଲେ 'ମୋ ଡାଏରି'


ପିଲାମାନେ ମୋ ଡାଏରି ପ୍ରଦର୍ଶନ କରୁଛନ୍ତି ।

ଖଇରପୁଟ, ୪।୮ (ଜଗନ୍ନାଥ ମାଝି)

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଅନ୍ତର୍ଗତ କୁମାରପୁଟ ପ୍ରାଥମିକ ବିଦ୍ୟାଳୟରେ ବିଭାଗ ଦ୍ୱାରା ଯୋଗାଇ ଦିଆଯାଇଥିବା 'ମୋ ଡାଏରି' ୫୮ ଛାତ୍ରୀ ଓ ୭୭ ଛାତ୍ରଙ୍କୁ ଶୁକ୍ରବାର ବଣ୍ଟନ କରାଯାଇଥିଲା। ୨୦୨୩ ମସିହା ପାଇଁ ଉଦ୍ଦିଷ୍ଟ ଛାତ୍ରୀଛାତ୍ରଙ୍କୁ ମୋ ଡାଏରି ବଣ୍ଟନ କରାଗଲା। କାର୍ଯ୍ୟକ୍ରମରେ କାର୍ଯ୍ୟରତ ୨ଜଣ ଶିକ୍ଷକ, ପ୍ରଧାନ ଶିକ୍ଷକ ଦାମୋଦର ସାହୁ ଓ ସହକାରୀ ଶିକ୍ଷକ ସୁକାନ୍ତ ବେହେରାଙ୍କ ସହିତ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶିବାନୀ ମୁଦୁଲି, ଆଞ୍ଚଳିକ ସାଧନକର୍ମୀ ସୌଭାଗ୍ୟ କୁମାର କାନୁନ୍‌ଗୋ ଉପସ୍ଥିତ ଥିଲେ। ମୋ ଡାଏରି ପାଇ ପିଲାଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ଡାଏରିରେ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଦିଆଯାଇଥିବା ବାର୍ତ୍ତାକୁ ପ୍ରଧାନ ଶିକ୍ଷକ ପିଲାଙ୍କ ନିକଟରେ ପହଞ୍ଚାଇଥିଲେ, ଯାହାକି ଏକ ସୁନାଗରିକ ହେବାରେ ସାହାଯ୍ୟ କରିବ। ଏହାର ବ୍ୟବହାର ପିଲାମାନେ ନିଜେ ନିଜେ କିପରି କରିବେ ତାହା ବୁଝାଯାଇଥିଲା। ଶନିବାର ପିଲାଙ୍କ ଦ୍ୱାରା ପ୍ରାର୍ଥନା ସଭା ପରେ ଶପଥ ପାଠ କରାଯିବାକୁ ସ୍ଥିର ହୋଇଥିଲା।

# କଲେଜ ପୂର୍ବତନ ସଭାପତିଙ୍କ ବିୟୋଗରେ ଶୋକସଭା

ଏମ୍‌ଭି-୭୯, ୪।୮ (ଭିକି ବାରିକ)

ମାଲକାନଗିରି ଜିଲା କାଲିମେଳା ବ୍ଲକ ଡ. ଶ୍ୟାମା ପ୍ରସାଦ କନିଷ୍ଠ ମହାବିଦ୍ୟାଳୟ ପୂର୍ବତନ ସଭାପତି ଚନ୍ଦ୍ରକାନ୍ତ ହାଲ୍‌ଦାରଙ୍କ ମୃତ୍ୟୁରେ ଏକ ଶୋକସଭା ଅଧ୍ୟକ୍ଷ ଡ. ପ୍ରଶାନ୍ତ କୁମାର ପାଢ଼ୀଙ୍କ ସଭାପତିତ୍ୱରେ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ସ୍ୱର୍ଗତ ହାଲ୍‌ଦାର ୨୦୦୩ରୁ ୨୦୦୬ ପର୍ଯ୍ୟନ୍ତ ବେସରକାରୀ ପରିଚାଳନା ପରିଷଦ ସଭାପତି ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ସେ ଏମ୍‌ଭି ୭୯ ପଲ୍ଲୀମଙ୍ଗଳ କମିଟି ସଭାପତି ଭାବେ ମଧ୍ୟ ଦୀର୍ଘଦିନଧରି କାର୍ଯ୍ୟ କରିଥିଲେ। ତାଙ୍କ ମୃତ୍ୟୁରେ ମହାବିଦ୍ୟାଳୟ ଶିକ୍ଷକ ଓ ଅଣଶିକ୍ଷକ ତଥା ଛାତ୍ରୀଛାତ୍ରଙ୍କ ପକ୍ଷରୁ ଅନୁଷ୍ଠିତ ଶୋକସଭାରେ ସ୍ୱର୍ଗତ ହାଲ୍‌ଦାରଙ୍କ ଗୁଣଗାନ କରାଯାଥିଲା। ସଭାରେ ଡ. ମେଘନାଦ ବେହେରା, ଡ. ପ୍ରଦୀପ୍ତ ମିଶ୍ର, ବସନ୍ତ ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସନ୍ତୋଷ ପ୍ରହରାଜ, ଭରତ ପଣ୍ଡା, ଲୋକନାଥ ମହାକୁଡ଼, ଅଶୋକ ନାହାକ, ରିଙ୍କି ବାରିକ, ରବି ଶଙ୍କର ବାରିକ ଓ ସୁଜିତ୍ ଢାଲି ପ୍ରମୁଖ ଅଧ୍ୟାପକ ଓ କର୍ମଚାରୀ ଯୋଗଦେଇଥିଲେ।

# ଭାରରେ ୫ କି.ମି. ବୁହାହେଲେ ଗର୍ଭବତୀ

ମାଲକାନଗିରି,୪।୮ (ଦୁର୍ଯ୍ୟୋଧନ ପାତ୍ର/ନୃସିଂହ ଚରଣ ମହାନ୍ତି)

**ଗାଁକୁ ଆସିପାରିଲାନି ଆମ୍ବୁଲାନ୍ସ**

ପୁଣି ଦୃଷ୍ଟିକୁ ଆସିଛି ଜନନୀ ଯନ୍ତ୍ରଣା । ଜଣେ ଗର୍ଭବତୀଙ୍କ ପ୍ରସବ ଯନ୍ତ୍ରଣା ହେବାରୁ ୫ କିଲୋମିଟର ଭାରରେ ବୋହିନେଇ ଚିକିତ୍ସାଳୟରେ ପହଞ୍ଚାଇଛନ୍ତି ପରିବାର ଲୋକେ।

ପ୍ରକାଶ ଯେ, ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ରାଲେଗେଡା ପଞ୍ଚାୟତ କଦମଖୋଲା ଗ୍ରାମର ସୁମିତ୍ରା ଖୋଲାଙ୍କର ପ୍ରସବ ଯନ୍ତ୍ରଣା ହେବାରୁ ପରିବାର ଲୋକେ ଆମ୍ବୁଲାନ୍ସକୁ ଜଣାଇଥିଲେ। ତେବେ ବର୍ଷା ଯୋଗୁ ଗାଁକୁ ଆମ୍ବୁଲାନ୍ସ ଆସି ନ ପାରିବାରୁ ବାଧହୋଇ ପରିବାର ଓ ଗ୍ରାମବାସୀ ତାଙ୍କୁ ଭାରରେ ଜଙ୍ଗଲ, ନଦୀନାଳ ପାର କରି ୫ କିଲୋମିଟର ରାସ୍ତା ଆସିବା ପରେ ଗିଜଡ଼ ଗ୍ରାମରେ ଥିବା ଆମ୍ବୁଲାନ୍ସରେ ମହିଳାଙ୍କୁ ଜାନବାଇ ଚିକିତ୍ସାଳୟକୁ ନେଇଥିଲେ। ତେବେ ଚିକିତ୍ସାଳୟରେ ମହିଳା ଜଣଙ୍କ ଏକ ଶିଶୁପୁତ୍ର ଜନ୍ମ ଦେଇଥିବା ସୂଚନା ମିଳିଛି ।


ଗର୍ଭବତୀଙ୍କୁ ନାଳ ପାର କରି ଲୋକେ ଆମ୍ବୁଲାନ୍ସ ପାଖକୁ ନେଉଛନ୍ତି।

# ପୋଖରୀରେ ବୁଡ଼ି ୨ ବର୍ଷ ଶିଶୁ ମୃତ

ମାଲକାନଗିରି,୪।୮ (ଦୁର୍ଯ୍ୟୋଧନ ପାତ୍ର/ନୃସିଂହ ଚରଣ ମହାନ୍ତି)

ମାଲକାନଗିରି ସଦର ବ୍ଲକ ଚମ୍ପାଖାରୀ ଗ୍ରାମର ହେମନ୍ତ ଖିଲଙ୍କ ୨ ବର୍ଷର ପୁଅ ଶୁଭମ୍‌ର ଶୁକ୍ରବାର ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ଘର ଲୋକ କୌଣସି କାମରେ ବାହାରକୁ ଯାଇ ଫେରିବାବେଳକୁ ତାଙ୍କ ପୁଅ ଘରେ ନ ଥିବା ଦେଖି ଖୋଜାଖୋଜି କରିଥିଲେ। କିଛି ସମୟ ପରେ ଘର ପଛପଟ ପୋଖରୀରେ ଶିଶୁଟଇ ଭାସୁଥିବା ଦେଖି ତାକୁ ଉଦ୍ଧାର କରି ମାଲକାନଗିରି ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ଶିଶୁକୁ ମୃତ ଘୋଷଣା କରିଥିଲେ।

# ଜୁଆ ଆଡ୍ଡାରେ ଚଢାଉ, ୯ ଗିରଫ

ଆସିକା,୪।୮ (ସୁରେନ୍ଦ୍ରନାଥ ସାହୁ)

ଆସିକା ବସଷ୍ଟାଣ୍ଡ ଡାକବଙ୍ଗଳା ସଂଲଗ୍ନ ଏରୋଗୋଲା ବସା ନିକଟ ବଡନଦୀ ହିଡରେ ଚାଲିଥିବା ଏକ ଜୁଆଆଡ୍ଡା ଉପରେ ଶୁକ୍ରବାର ପୋଲିସ ଚଢାଉ କରିଥିଲା। ସେଠାରୁ ୯ଜଣଙ୍କୁ ଗିରଫ କରାଯିବା ସହ ୨୦,୫୫୦ ଟଙ୍କା ଜବତ କରାଯାଇଛି । ଘଟଣାସ୍ଥଳରୁ ପୋଲିସ ୨ଟି ବାଇକ ଓ ଗୋଟିଏ ସ୍କୁଟି ଜବତ କରିଛି। ଏ ନେଇ ଆସିକା ଥାନାରେ ୪୫୧/୨୩ରେ ଏକ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ପି. ସ୍ୱରୂପ କିସାନ ସୂଚନା ଦେଇଛନ୍ତି।

# ପିଲାଙ୍କୁ ଶୃଙ୍ଖଳିତ ହେବା ନେଇ ପରାମର୍ଶ

ନବରଙ୍ଗପୁର,୪।୮ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ମହାବିଦ୍ୟାଳୟରେ ନୂତନ ଭାବେ ଦାଖଲ ହୋଇଥିବା ଯୁକ୍ତ ୨ ବିଜ୍ଞାନ, ବାଣିଜ୍ୟ ଓ କଳା ଛାତ୍ରୀଛାତ୍ରୀଙ୍କୁ ସ୍ୱାଗତ କରାଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡଃ ଭାସ୍କର ନାଥ ବିଶ୍ୱାଳ ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟାପିକା ଅଧ୍ୟାପକଙ୍କ ଉପରେ ଭଲ ମଣିଷ ତିଆରିର ଗୁରୁ ଦାୟିତ୍ୱ ରହିଛି ବୋଲି କହିଥିଲେ। ଏଥିସହ ନବାଗତ ପିଲାଙ୍କୁ ଶୃଙ୍ଖଳିତ ହେବାର ପରାମର୍ଶ ଦେଇଥିଲେ। ଏହି ଉତ୍ସବରେ ଓଡ଼ିଆ ବିଭାଗ ମୁଖ୍ୟ ଡ଼ଃ ନନ୍ଦିତା ମିଶ୍ର, ଇଂରାଜୀ ବିଭାଗ ମୁଖ୍ୟ ଅଧ୍ୟାପକ ଘାସିରାମ ବେହେରା, ଇତିହାସ ବିଭାଗ ମୁଖ୍ୟ ପ୍ରଧାପିକା ସଙ୍ଗୀତା ତ୍ରିପାଠୀ, ଦର୍ଶନ ବିଭାଗ ମୁଖ୍ୟ ଶମ୍ଭୁ ପ୍ରସାଦ ହୋତା, ରାଜନୀତି ବିଭାଗ ମୁଖ୍ୟ ନିର୍ମଳା ହିକ୍‌କା ଓ ଛାତ୍ର ସଂସଦ ଉପଦେଷ୍ଟା ଦିଲ୍ଲୀପ କୁମାର ହୋତା ଉପସ୍ଥିତ ଥିଲେ। ପିଲାମାନଙ୍କ ଶୈକ୍ଷିକ ବିକାଶ ସହ ଚାରିତ୍ରିକ ଓ ବୌଦ୍ଧିକ ବିକାଶ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବ ବୋଲି ଅଧ୍ୟାପକ ହୋତା କହିଛନ୍ତି। ଅଶୋକ କୁମାର ପାତ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ପ୍ରଶାନ୍ତ ମିଶ୍ର, ରାଜନ ତ୍ରିପାଠୀ, ବନ ଭାଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉତ୍ସବରେ ପ୍ରାୟ ୨ଶହ ଛାତ୍ରୀଛାତ୍ର ଓ କେତେଜଣ ଅଭିଭାବକ ଉପସ୍ଥିତ ଥିଲେ।



ସ୍ୱାଗତ ଉତ୍ସବରେ ଅଧ୍ୟାପିକା, ଅଧ୍ୟାପକ ଓ କଲେଜ ଛାତ୍ରୀଛାତ୍ର ।






## ସଂକ୍ଷେପରେ

### ପୂର୍ଣ୍ଣିମା ନାୟକ ରାଜ୍ୟ ଭାଜପା ସମ୍ପାଦିକା



କୋରାପୁଟ,୪।୮ (ଅମିତାଭ ବେହେରା)

ରାଜ୍ୟ ଭାଜପା ସଭାପତି ମନମୋହନ ସାମଲଙ୍କ ଟିମ୍‌ରେ ସ୍ଥାନ ପାଇଛନ୍ତି କୋରାପୁଟର ଭାଜପା ନେତ୍ରୀ ପୂର୍ଣ୍ଣିମା ନାୟକ। ତାଙ୍କୁ ରାଜ୍ୟ ଭାଜପା ସମ୍ପାଦିକା ଭାବେ ଶୁକ୍ରବାର ଦାୟିତ୍ୱ ମିଳିଛି। ୨୦୧୮ ଏପ୍ରିଲ ୨ରେ ପୂର୍ଣ୍ଣିମା ଭାଜପାରେ ଯୋଗଦେଇଥିଲେ। ଦଳର ସମସ୍ତ କାର୍ଯ୍ୟକ୍ରମରେ ସେ ସାମିଲ ହୋଇ କାର୍ଯ୍ୟ କରୁଥିଲେ। ପୂର୍ବରୁ ସେ ଜିଲାର ଉପସଭାପତି ପଦ ସହ ରାଜ୍ୟ କାର୍ଯ୍ୟକାରିଣୀ କମିଟି ସଦସ୍ୟ ଭାବେ ମଧ୍ୟ ଦାୟିତ୍ୱ ତୁଲାଇଛନ୍ତି। ତାଙ୍କର କାର୍ଯ୍ୟକୁ ବିଚାରକୁ ନେଇ ରାଜ୍ୟ ନେତୃବୃନ୍ଦ ତାଙ୍କୁ ରାଜ୍ୟ ଭାଜପା ସମ୍ପାଦିକା ଭାବେ ଦାୟିତ୍ୱ ଦେଇଛନ୍ତି। ଏହି ଦାୟିତ୍ୱକୁ ସେ ନିଷ୍ଠାର ସହ ପାଳନ କରିବା ସହ ଦଳର ବିଭିନ୍ନ କାର୍ଯ୍ୟକ୍ରମକୁ ଆହୁରି ଲୋକାଭିମୁଖୀ କରିବେ ବୋଲି ଏହି ଅବସରରେ ପୂର୍ଣ୍ଣିମା କହିଛନ୍ତି।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ମୃତ, ଜଣେ ଗୁରୁତର

କୁନ୍ଦୁରା,୪।୮ (ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଅନ୍ତର୍ଗତ ବାଉଁଶିଆଗୁଡ଼ା ଗ୍ରାମରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ସବିତା ଜାନି। ଅନ୍ୟ ଜଣେ ମହିଳା ଏଥିରେ ଗୁରୁତର ହୋଇଥିବା ଜଣାପଡିଛି। ସବିତା ଲୁଗା ଶୁଖାଇବା ସମୟରେ ଏଭଳି ଅଘଟଣ ଘଟିଛି। ବିଦ୍ୟୁତ ଖୁଣ୍ଟରୁ ଘରକୁ ଯାଇଥିବା ତାର ସହ ଲୁଗା ଶୁଖା ଯାଉଥିବା ତାର ଯୋଡି ହୋଇ ରହିଥିଲା। ସବିତା ଏହା ଜାଣି ନ ପାରି ଓଦା ଲୁଗା ସେହି ତାରରେ ଶୁଖାଇବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ତାଙ୍କ ଚିତ୍କାର ଶୁଣି ତାଙ୍କୁ ବଞ୍ଚାଇବା ଲାଗି ନିକଟରେ ଥିବା ତିଲୋତ୍ତମା ସବିତାଙ୍କ ନିକଟକୁ ଯାଇ ଗୁରୁତର ଆହତ ହୋଇଥିଲେ। ଏବେ ସେ କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଏନେଇ ଥାନରେ ଲିଖିତ ଅଭିଯୋଗ ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ୫/୨୩ରେ ଏକ ମାମଲା ରୁଜୁ ହୋଇ ଅଧିକ ତଦନ୍ତ ଚାଲିଥିବା ପୋଲିସ କହିଛି।

### ଘାସିଗୁଡାରେ ଅବକାରୀ ଚଢାଉ

ଜୟପୁର,୪।୮ (ପବନ ପାଣିଗ୍ରାହୀ)

ଦେଶୀ ମଦ ପ୍ରସ୍ତୁତ କରି ଏହାକୁ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରୀ ବିଭାଗ କର୍ମଚାରୀମାନେ ଘାସିଗୁଡା ଜଙ୍ଗଲରେ ଚଢାଉ କରି ୯ ଶହ ଲିଟର ପୋଚ ଓ ୭୦ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରିଛନ୍ତି। ଚଢାଉ ସମ୍ପର୍କରେ ପୂର୍ବ ସୂଚନା ପାଇ ମଦ ବ୍ୟବସାୟୀମାନେ ଫେରାର ହୋଇଯାଇଛନ୍ତି। ଘଟଣା ସ୍ଥଳରୁ କର୍ମଚାରୀମାନେ ମଦରନ୍ଧା ସରଞ୍ଜାମ ଡ୍ରମ ଆଦିକୁ ଜବତ କରି ଫେରିଥିବା ଓଆଇସି ସଞ୍ଜୟ କାଣ୍ଡି କହିଛନ୍ତି।

### ଶିକ୍ଷାବିତ,ସାହିତ୍ୟିକ ଉମାକାନ୍ତଙ୍କ ପରଲୋକ

କୋରାପୁଟ,୪।୮ (ଅମିତାଭ ବେହେରା)

କୋରାପୁଟ ଜିଲାର ବିଶିଷ୍ଟ ଶିକ୍ଷାବିତ ତଥା ସାହିତ୍ୟିକ, ଶାବର ଶ୍ରୀକ୍ଷେତ୍ର ସମାଚାର ପତ୍ରିକାର ସମ୍ପାଦକ, ଆଦିବାସୀ ସଂସ୍କୃତି ଗବେଷକ ଓ ରାଷ୍ଟ୍ରପତି ପଦକପ୍ରାପ୍ତ ଶିକ୍ଷକ ଉମାକାନ୍ତ ଦାସ (୮୨)ଙ୍କ ଶୁକ୍ରବାର ତାଙ୍କ ପୂଜାରିପୁଟସ୍ଥିତ ବାସଭବନଠାରେ ପରଲୋକ ହୋଇଯାଇଛି। କିଛି ଦିନ ଧରି ସେ ଅସୁସ୍ଥ ରହି ମେଡିକାଲରେ ଚିକିତ୍ସିତ ହେଉଥିଲେ। ଏହି ଖବର ପ୍ରଚାରିତ ହେବା ପରେ କୋରାପୁଟ ଶାବର ଶ୍ରୀକ୍ଷେତ୍ର ପରିଚାଳନା କମିଟିର ସମ୍ପାଦକ ଡ. ଜଗବନ୍ଧୁ ସାମଲ, କୋଟସର ନିର୍ଦ୍ଦେଶକ ପିସି ମହାପାତ୍ର, କୋରାପୁଟ ସାହିତ୍ୟ ପରିବାର ଡ. ପ୍ରୀତିଧାରା ସାମଲ,ରବି ଶତପଥୀଙ୍କ ସମେତ ଜିଲାର ବହୁ ବୁଦ୍ଧିଜୀବୀ, ସାହିତ୍ୟିକଙ୍କ ମଧ୍ୟରେ ଗଭୀର ଶୋକ ପ୍ରକାଶ ପାଇଛି।

# ମଣିପୁର, ହରିୟାଣା ଘଟଣା ନେଇ ସିପିଆଇର ବିକ୍ଷୋଭ

ଜୟପୁର,୪।୮ (ପବନ ପାଣିଗ୍ରାହୀ)

ମେ ୪ରୁ ମଣିପୁରରେ ଜାତିଗତ ସାମ୍ପ୍ରଦାୟିକ ହିଂସାତ୍ମକ ଦଙ୍ଗା ଘଟଣା ଆରମ୍ଭ ହୋଇ ଏଯାବତ୍ ଜାରି ରହିଛି। ୨ ଜଣ ମହିଳାଙ୍କୁ ଉଲଗ୍ନକରି ପାଶବିକ ଅତ୍ୟାଚାରର ଦୃଶ୍ୟ ସାରା ପୃଥିବୀରେ ଦେଶକୁ ଲଜ୍ଜିତ କରିଛି। ମଣିପୁର ହିଂସା ଥମି ନ ଥିବା ବେଳେ ଏବେ ହରିୟାଣାର ସାମ୍ପ୍ରଦାୟିକ ଦଙ୍ଗା ସ୍ଥିତି ଚିନ୍ତାଜନକ ହୋଇଛି। ଏସବୁର ନିରାକରଣ କରି ଉଭୟ ରାଜ୍ୟରେ ଶାନ୍ତି ପ୍ରତିଷ୍ଠା ଦାବି କରି ସିପିଆଇ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରିଛି। ହରୟାଣାରେ ପୂର୍ବରୁ ଇଣ୍ଟେଲିଜେନ୍ସ ସୂଚନା ଥିବା ସତ୍ତ୍ୱେ ଅସ୍ତ୍ରଶସ୍ତ୍ର ଧରି ଶୋଭାଯାତ୍ରା ପାଇଁ କାହିଁକି ଅନୁମତି ପ୍ରଦାନ କରାଗଲା ବୋଲି ସିପିଆଇ ପ୍ରଶ୍ନ ଉଠାଇଛି। ମଣିପୁର ହିଂସାରେ ପ୍ରଧାନମନ୍ତ୍ରୀଙ୍କ ଏଯାଏ ନୀରବ ରହିବାର ରହସ୍ୟ ବୁଝିବା କଷ୍ଟକର ବୋଲି ଏହି ଅବସରରେ ସିପିଆଇ ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ପ୍ରମୋଦ ମହାନ୍ତି କହିଛନ୍ତି। ବିକ୍ଷୋଭ କାର୍ଯ୍ୟକ୍ରମରେ ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳ, ରାମକୃଷ୍ଣ ଦାସ, ନିତ୍ୟାନନ୍ଦ ପାତ୍ର, ବସନ୍ତ ବେହେରାଙ୍କ ସମେତ ଅନ୍ୟମାନେ ଅଂଶଗ୍ରହଣ କରିଥିଲେ।




ସିପିଆଇ କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ବଢ଼ିଲା ସେବାୟତଙ୍କ ଦରମା, ଅନ୍ନଭୋଗ ଖର୍ଚ୍ଚ

ଜୟପୁର,୪।୮ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ଦେବୋତ୍ତର ବିଭାଗରେ କାର୍ଯ୍ୟ କରୁଥିବା ସେବାୟତମାନଙ୍କ ଦରମା ବୃଦ୍ଧି କରାଯାଇଛି। ଏହା ଚଳିତ ବର୍ଷ ଏପ୍ରିଲ ମାସରୁ ଲାଗୁହେବ। ଜୟପୁର ଦେବୋତ୍ତର ବିଭାଗ ଅଧୀନରେ ୩୩ ମନ୍ଦିର ରହିଛି। ଏହି ମନ୍ଦିରଗୁଡ଼ିକରେ ପୂଜାରୀ ୩୩ ଜଣ, ସୁଆର ୧୧ଜଣ, ଗୌଡ ୭ ଜଣ, ଗୁପ୍ତେଶ୍ୱରରେ କାର୍ଯ୍ୟରତ ଦିନ ଗୌଡ ଜଣେ, ପାଇକ ୧୭ ଜଣ, ଚଉକାଦିଆ ୮ଜଣ ସେବାୟତ କାର୍ଯ୍ୟ କରୁଛନ୍ତି। ୩୩ ଜଣ ପୂଜକଙ୍କ ମଧ୍ୟରୁ ବୀରଖମ୍ବ ମନ୍ଦିରର ପୂଜକଙ୍କ ଦରମା ନ ଥିବା ବେଳେ ୩ ଜଣ ପୂଜକ ବାର୍ଷିକ ଦରମା ନିଅନ୍ତି। ଏହାବ୍ୟତୀତ ସହରରେ ୧୯ ମନ୍ଦିର ଥିବା ବେଳେ ଗ୍ରାମାଞ୍ଚଳରେ ୮ଟି ମନ୍ଦିର ରହିଛି। ବୈପାରିଗୁଡ଼ା ବ୍ଲକରେ ୫ଟି ମନ୍ଦିର ଓ କୁନ୍ଦୁରାରେ ଗୋଟିଏ ମନ୍ଦିର ରହିଛି। ଦୈନନ୍ଦିନ ଦର ଦାମ ବୃଦ୍ଧି ଯୋଗୁ ସେବାୟତମାନେ ଦରମା ବୃଦ୍ଧି କରିବା ସହ ଅନ୍ନଭୋଗରେ ଖର୍ଚ୍ଚ ବୃଦ୍ଧି କରିବା ପାଇଁ ବହୁବାର ଦାବି ହୋଇ ଆସୁଥିଲା। ଦେବୋତ୍ତର ଉପଦେଷ୍ଟା କମିଟି ଓ ତହସିଲଦାର ତଥା ଦେବୋତ୍ତର ଅଧିକାରୀ ସାଗରିକା ଷଡ଼ଙ୍ଗୀ ସେବାୟତମାନଙ୍କ ଦାବିକୁ ତର୍ଜମାକରି ଦରମା ୨୦ ପ୍ରତିଶତ ଏବଂ ଅନ୍ନଭୋଗ ଖର୍ଚ୍ଚ ୨୫ ପ୍ରତିଶତ ବୃଦ୍ଧି କରିଛନ୍ତି। ସହରାଞ୍ଚଳର ପୂଜକମାନେ ୮୮୦ ଟଙ୍କା ଦରମା ପାଉଥିବା ବେଳେ ଏହାକୁ ବୃଦ୍ଧି କରାଯାଇ ୧୦୫୬ ଟଙ୍କା କରାଯାଇଛି। ସୁଆରଙ୍କ ୮୦୦ ଟଙ୍କା ଥିବା ବେଳେ ଏହାକୁ ବୃଦ୍ଧି କରାଯାଇ ୯୬୦ ଟଙ୍କା, ଗୌଡଙ୍କ ୫୬୦ ଟଙ୍କାକୁ ବୃଦ୍ଧି କରାଯାଇ ୬୭୨ ଟଙ୍କା, ପାଇକଙ୍କ ୪୪୦ ଟଙ୍କାରୁ ୫୨୮ ଟଙ୍କା, ଚଉକାଦିଆଙ୍କ ୩୪୦ରୁ ୪୦୮ଟଙ୍କା ଦରମା ବୃଦ୍ଧି କରାଯାଇଥିବା ଜଣାପଡ଼ିଛି। ସେହିଭଳି ଗୁପ୍ତେଶ୍ୱର ପୂଜାରୀଙ୍କ ଦରମା ୧୦୪୦ ଟଙ୍କାରୁ ୧୨୪୮ ଟଙ୍କା, ଗୌଡ ୬୮୦ ଟଙ୍କାରୁ ୮୧୬ ଟଙ୍କା, ପାଇକ ୫୨୦ ଟଙ୍କାରୁ ୬୨୪ ଟଙ୍କା ଦରମା ବୃଦ୍ଧି କରାଯାଇଛି। ଗ୍ରାମାଞ୍ଚଳର ପୂଜକଙ୍କ ଦରମା ୬ଶହ ଟଙ୍କାରୁ ୭ ଶହ ଟଙ୍କାକୁ ବୃଦ୍ଧି କରାଯାଇଛି। ଦନାସିଲେଇ ସେବାୟତକୁ ୧୧୦ ଟଙ୍କାରୁ ୧୫୪ ଟଙ୍କା ଓ ଆଳତି ଖର୍ଚ୍ଚ ମାସିକ ୧ଶହ ଟଙ୍କାରୁ ୧୪୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହା ସହ ୩୩ଟି ମନ୍ଦିରରେ ଅନ୍ନଭୋଗ ପଡ଼ିପିଛା ୧୨ ଟଙ୍କା ପ୍ରଦାନ କରାଯାଉଥିବା ବେଳେ ଏହାକୁ ୧୫ ଟଙ୍କା କରାଯାଇଛି। ଦେବୋତ୍ତର ବିଭାଗ ବରିଷ୍ଠ କିରାଣିଙ୍କ ଦରମା ୬ ହଜାର ଟଙ୍କା ଥିବା ବେଳେ ଏହାକୁ ୭ ହଜାର ୫ ଶହ ଟଙ୍କା କରାଯାଇଛି। କନିଷ୍ଠ କିରାଣିଙ୍କ ଦରମା ୫ ହଜାରରୁ ୬ ହଜାର କରାଯାଇଛି। ପରିଛାଙ୍କ ୩ ହଜାର ଟଙ୍କା ଥିବା ବେଳେ ତାଙ୍କର ୩ ହଜାର ୬ ଶହ ଟଙ୍କା କରାଯାଇଛି। ବିଭାଗ ଅଧୀନରେ ମଧ୍ୟ ୮୮ ଜଣ ସେବାୟତ କାର୍ଯ୍ୟ କରୁଛନ୍ତି।

# ରାସ୍ତା ନିର୍ମାଣ ନେଇ ବିଡିଓଙ୍କୁ ଭେଟିଲେ ମହାବୀର ନଗର ବାସିନ୍ଦା

କୋରାପୁଟ,୪।୮ (ଅମିତାଭ ବେହେରା)

କୋରାପୁଟ ସଦର ମହକୁମାଠାରୁ ମାତ୍ର ୨ କି.ମି. ଭିତରେ ରହିଛି ମହାବୀର ନଗର। ଏଠାକୁ ଯିବାକୁ ହେଲେ ଭଲ ରାସ୍ତାଟି ନ ଥିବାରୁ ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ନିର୍ମାଣ ପାଇଁ ବାରମ୍ବାର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିଠାରୁ ଆରମ୍ଭକରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଅଧିକାରୀମାନଙ୍କୁ ଜଣାଇଥିଲେ ମଧ୍ୟ ଏଥିପ୍ରତି କେହି ଗୁରୁତ୍ୱ ଦେଉନାହାନ୍ତି। ଶୁକ୍ରବାର ପୁଣି ଥରେ ନଗରବାସିନ୍ଦା ବିଡିଓଙ୍କୁ ଭେଟି ଜଣାଇଛନ୍ତି। ଟିକେ ବର୍ଷା ହେଲେ ଘରୁ ବାହାରିବା ମୁସ୍କିଲ ହୋଇପଡୁଛି। ବିଦ୍ୟାଳୟଠାରୁ ଆରମ୍ଭ କରି କାର୍ଯ୍ୟକ୍ଷେତ୍ରକୁ ଗଲେ ପ୍ୟାଣ୍ଟ ଅଧା ଟେକିଯିବାକୁ ପଡୁଛି। ଅନେକ ସମୟରେ ଗୋଡ ଖସି ପଡ଼ିଯାଇ ନଗର ବାସିନ୍ଦା ଆହତ ହେଉଛନ୍ତି। ନିକଟରେ ରାତିରେ ଜଣେ ଅସୁସ୍ଥ ବ୍ୟକ୍ତିଙ୍କୁ ଡାକ୍ତରଖାନା ନେବାକୁ ଆସିଥିବା ଆମ୍ବୁଲାନ୍ସ ନଗର ଭିତରକୁ ଆସି ନ ପାରି ଅଧାରାସ୍ତାରେ ଅଟକିଥିଲା। ପଡୋଶୀଙ୍କ ସହାୟତାରେ ପରିବାର ଲୋକେ ତାଙ୍କୁ ଟେକିଟେକି ଆମ୍ବୁଲାନ୍ସ ନିକଟକୁ ନେଉଥିବା ବେଳେ ବାଟରେ ସମ୍ପୃକ୍ତ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଯାଇଥିଲା। ନଗର ବାସିନ୍ଦା ରାସ୍ତା ନିର୍ମାଣକୁ ନେଇ ସମ୍ପର୍କରେ ବିଡିଓ ଦେବାଶିଷ ଗୌଡ଼ଙ୍କୁ ଅବଗତ କରାଇବାରୁ ବର୍ଷାଦିନ ସରିଲେ ରାସ୍ତା କାର୍ଯ୍ୟ ଆରମ୍ଭ କରାଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି।



ମହାବୀର ନଗର ରାସ୍ତା ନିର୍ମାଣ ନେଇ ନଗରବାସିନ୍ଦା ବିଡିଓଙ୍କୁ ଭେଟି ଦାବିପତ୍ର ଦେଉଛନ୍ତି।

# ଭୋପାଳରେ ଏସିଆର ସର୍ବବୃହତ ଅନ୍ତର୍ଜାତୀୟ ସାହିତ୍ୟ ମହୋତ୍ସବ

କୋରାପୁଟ,୪।୮ (ଅମିତାଭ ବେହେରା)

### ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୁଳପତି ରଖିଲେ ବକ୍ତବ୍ୟ

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଶୁକ୍ରବାର ମଧ୍ୟପ୍ରଦେଶର ଭୋପାଳସ୍ଥିତ ରବୀନ୍ଦ୍ର ଭବନଠାରେ ଆୟୋଜିତ ଏସିଆର ସର୍ବବୃହତ ଅନ୍ତର୍ଜାତୀୟ ସାହିତ୍ୟ ମହୋତ୍ସବ ଉନ୍ମେଷ (ଫେଷ୍ଟିଭାଲ ଅଫ୍ ଏକ୍ସପ୍ରେସନ୍) ୨୦୨୩ରେ ଅତିଥି ରୂପେ ଯୋଗ ଦେଇ ଉଦ୍‌ବୋଧନ ଦେଇଛନ୍ତି। ପ୍ରାଚୀନ ଭାରତୀୟ ଜ୍ଞାନ ପ୍ରଣାଳୀ, ଚିନ୍ତାଧାରା ଓ ଦର୍ଶନର ମୂଲ୍ୟ ଉପରେ କୁଳପତି ତ୍ରିପାଠୀ ଆଲୋକପାତ କରିଥିଲେ। ପ୍ରାଚୀନ ଭାରତୀୟ ସାହିତ୍ୟ ଯଥା ବେଦ, ଉପନିଷଦ ଓ ପୁରାଣରେ ପ୍ରତିଫଳିତ ହୋଇଥିବା ସଂସ୍କୃତି,ଭାରତୀୟ ଦର୍ଶନ ଓ ସାଂସ୍କୃତିକ ମୂଲ୍ୟବୋଧକୁ ଗୋଟିଏ ବିଶ୍ୱ ଗୋଟିଏ ପରିବାରର ସାମାଜିକ ମୂଲ୍ୟବୋଧରେ ସମୃଦ୍ଧ କରିଥିଲା। ମୀରା ଏବଂ ଭଗବାନ କୃଷ୍ଣଙ୍କ ମଧ୍ୟରେ ଦିବ୍ୟ ସମ୍ପର୍କ ଦୁନିଆ ପାଇଁ ଦିବ୍ୟ ପ୍ରେମ ଏବଂ ସୃଜନଶୀଳତାର ପ୍ରତୀକ ବୋଲି ସେ କହିଥିଲେ। ଏହି ଅବସରରେ ସେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗର ଅନୁବାଦ କାର୍ଯ୍ୟକୁ ଉଦାହରଣ ଦେଇ ବିଦେଶୀ ଭାଷାରେ ଭାରତୀୟ ପୁସ୍ତକ ଏବଂ ବିଦେଶୀ ପୁସ୍ତକକୁ ଭାରତୀୟ ଭାଷାରେ ଅନୁବାଦ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ମହୋତ୍ସବରେ ଅତିଥି ରୂପେ ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ, ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶାନ୍ତିଶ୍ରୀ ଧୂଳିପୁଡ଼ି ପଣ୍ଡିତ ଓ ସଂସ୍କୃତି ମନ୍ତ୍ରଣାଳୟର ଯୁଗ୍ମ ସଚିବ ପ୍ରଫେସର ଗିରିଶ୍ୱର ମିଶ୍ର ଯୋଗଦେଇ ନିଜ ବକ୍ତବ୍ୟ ରଖିଥିଲେ। ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ ଏହି ମହୋତ୍ସବ ଅଗଷ୍ଟ ୬ ପର୍ଯ୍ୟନ୍ତ ଚାଲିବ। ମହୋତ୍ସବରେ ୧୦୦ଟି ଭାଷାର ୫୭୫ରୁ ଅଧିକ ଲେଖକ ଅଂଶଗ୍ରହଣ କରିଥିଲେ।




ସାହିତ୍ୟ ମହୋତ୍ସବରେ ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

### ଯୁବକଙ୍କ ଆତ୍ମହତ୍ୟା

ଜୟପୁର, ୪।୮ (ପବନ ପାଣିଗ୍ରାହୀ)

ବେକରେ ଗାମୁଛା ବାନ୍ଧି ଜଣେ ଯୁବକ ଶୁକ୍ରବାର ଆତ୍ମହତ୍ୟା କରିଛନ୍ତି। ସେ ହେଲେ ପାରାବେଡ଼ାର ଲିଙ୍ଗରାଜ ପାତ୍ର (୩୮)। ଲିଙ୍ଗରାଜ ଘରେ କେହି ନ ଥିବା ସମୟରେ ବେକରେ ଗାମୁଛା ବାନ୍ଧି ଝୁଲି ପଡିଥିଲେ। ତାଙ୍କ ଆତ୍ମହତ୍ୟାର କାରଣ ଜଣାପଡିନାହିଁ। ଖବର ପାଇ ଟାଉନଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି।

### ତାଲିମ ଶିବିର ଉଦ୍‌ଯାପିତ

ନନ୍ଦପୁର, ୪।୮ (ଶଙ୍କର ପୂଜାରୀ)

ଜାତୀୟ ଶିକ୍ଷା ପରିବର୍ତ୍ତିତ ୧୮ ସୂତ୍ରୀକୁ ଆପଣାଇ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ନିମନ୍ତେ ନନ୍ଦପୁର ବ୍ଲକ ଶିକ୍ଷୟିତ୍ରୀଶିକ୍ଷକଙ୍କ ଲାଗି ହିକିମପୁଟରେ ଚାଲିଥିବା ୪ ଦିନିଆ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଭବାନୀ ନନ୍ଦନ ପଟ୍ଟନାୟକ ଓ ସହକାରୀ ଶିକ୍ଷାଧିକାରୀ ବୀରେନ୍ଦ୍ର ଭୂୟାଁ ଯୋଗଦେଇ ପ୍ରଶିକ୍ଷଣ ପ୍ରାପ୍ତ ୫୦ରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀଶିକ୍ଷକ ଓ ୪ ପ୍ରଶିକ୍ଷକଙ୍କୁ ପ୍ରମାଣପତ୍ର ଦେଇଥିଲେ। ଏହି ଅବସରରେ ଶିକ୍ଷାଧିକାରୀ ପଟ୍ଟନାୟକ ପରିବର୍ତ୍ତିତ ୧୮ ସୂତ୍ରୀ ଶିକ୍ଷାନୀତିକୁ କିଭଳି ୪ ଭାଗ ଯଥା ପ୍ରାରମ୍ଭିକ, ପ୍ରସ୍ତୁତ, ମଧ୍ୟ ଓ ମାଧ୍ୟମିକ ସ୍ତରରେ ବିଭକ୍ତ କରାଯାଇଛି ସେ ସମ୍ପର୍କରେ ଅବଗତ କରାଇଥିଲେ। ଉପଲବ୍ଧ ଶିକ୍ଷଣୀୟ ସାମଗ୍ରୀ, ମୌଳିକ ଭାଷାର ବ୍ୟବହାରକରି ବିଦ୍ୟାଳୟରେ ଶିକ୍ଷାଦାନ କରିବା, ଅଭିଭାବକ ଓ ଛାତ୍ରୀଛାତ୍ରଙ୍କୁ ସଚେତନକରି ଉପସ୍ଥାନ ବୃଦ୍ଧି କରିବାକୁ ସେ ପରାମର୍ଶ ଦେଇଥିଲେ। ୪ ପ୍ରଶିକ୍ଷକ ନିତ୍ୟାନନ୍ଦ ପ୍ରଧାନ, ଦେବାଶିଷ ପାତ୍ର, ସୁଶାନ୍ତ ଦାସ, କେ. ସୀତା ରାମାୟା ଶିକ୍ଷୟିତ୍ରୀଶିକ୍ଷକଙ୍କୁ ତାଲିମ ଦେଇଥିଲେ।

### ସ୍ୱାଗତ ତୋରଣ କାର୍ଯ୍ୟ ସମୀକ୍ଷା

ଜୟପୁର,୪।୮ (ପବନ ପାଣିଗ୍ରାହୀ)

ଜୟପୁର ସହର ସତୀନଦୀ ନିକଟରେ ପୌରପାଳିକା ପକ୍ଷରୁ ସ୍ୱାଗତ ତୋରଣ ନିର୍ମାଣ କରାଯାଉଛି। ଏହାକୁ ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ଚନ୍ଦ୍ରଶେଖର ମାଝୀ ଶୁକ୍ରବାର ଅନୁଧ୍ୟାନ କରି ସମୀକ୍ଷା କରିଛନ୍ତି। ଏହି ସମୟରେ ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, କାଉନସିଲର ବିଷ୍ଣୁ ରେଡ୍ଡି, କନିଷ୍ଠଯନ୍ତ୍ରୀ ଅଜୟ ଜାନି ପ୍ରମୁଖ ଉପସ୍ଥିତ ଥିଲେ।

# ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଭୋଟର ସଚେତନତା ବୈଠକ



ବିଭିନ୍ନ ଦଳର ପ୍ରତିନିଧିମାନଙ୍କ ସହ ଉପଜିଲାପାଳ ଆଲୋଚନା କରୁଛନ୍ତି।

ଜୟପୁର,୪।୮ (ପବନ ପାଣିଗ୍ରାହୀ)

ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶରେ ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଭୋଟର ସଚେତନତା ନେଇ ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଦାୟିତ୍ୱରେ ଥିବା ଉପ ଜିଲାପାଳ ଗୋପୀନାଥ ସାରକା ସଭାପତିତ୍ୱରେ କରିଥିଲେ। ବୈଠକରେ ବିଭିନ୍ନ ରାଜନୈତିକ ଦଳ ବିଜେଡି, ଭାଜପା, କଂଗ୍ରେସ ଏବଂ ସିପିଆଇର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ସରକାରଙ୍କ ନିଷ୍ପତ୍ତି ଅନନୁସାରେ ବିଏଲଓମାନଙ୍କ ଘରକୁ ଘର ଯାଇ ସର୍ଭେ ବିଷୟରେ କରିବା ନେଇ ବିବରଣୀ ଦେଇଥିଲେ। ଏହି କାର୍ଯ୍ୟ ଆସନ୍ତା ୨୧।୮।୨୩ ପର୍ଯ୍ୟନ୍ତ ଚାଲୁ ରହିବ। ଘରେ ଥିବା ୧୮ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଚିହ୍ନଟ କରି ସେମାନଙ୍କ ନାମ ଭୋଟର ଲିଷ୍ଟରେ ଅଛି କି ନାହିଁ ଦଦାରଖ କରିବେ। ନାମ ନ ଥିଲେ ଭୋଟର ତାଲିକାରେ ଯୋଗ କରିବେ। ୧୭ ବର୍ଷରୁ ଉର୍ଦ୍ଧ୍ୱଙ୍କ ସବିଶେଷ ତଥ୍ୟ ସଂଗ୍ରହ କରିବା ଲାଗି ବିଏଲଓମାନଙ୍କୁ କୁହାଯାଇଥିବା ସାରକା ଉପସ୍ଥିତ ପ୍ରତିନିଧିମାନଙ୍କୁ ଅବଗତ କରାଇଥିଲେ। ବୈଠକରେ ଆସିଷ୍ଟାଣ୍ଟ କଲେକ୍ଟର ବାଲାଜୀ ବ୍ରହ୍ମା, ନିର୍ବାଚନ ବିଭାଗର ମନସ୍ୱିନୀ ବେହେରା, କିରଣ ମହାରଣା, ମନୋଜ ପାଳ ଏବଂ ଶରତ ନାୟକ ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ଆହତ ଯୁବକଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଲେ ଏସଡିପିଓ

ନନ୍ଦପୁର, ୪।୮ (ଶଙ୍କର ପୂଜାରୀ)

ଏକ ବାଇକ୍ ଆଗକୁ ଗୋଟିଏ ଗାଈ ଚାଲି ଆସିବାରୁ ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତାରେ ଅଚେତ ଅବସ୍ଥାରେ ପଡ଼ିଥିଲେ ବାଇକ୍ ଚାଳକ। ଏହି ସମୟରେ ସେହି ରାସ୍ତାରେ ଆସୁଥିଲେ ନନ୍ଦପୁର ଏସଡିପିଓ ସଞ୍ଜୟ ମହାପାତ୍ର। ନନ୍ଦପୁର ତହସିଲ କାର୍ଯ୍ୟାଳୟ ନିକଟସ୍ଥ ଅନ୍ଧାରିଆ ଜାଗାରେ ଯୁବକ ଜଣକ କ୍ଷତାକ୍ତ ଅବସ୍ଥାରେ ପଡିଥିବା ଦେଖି ସ୍ଥାନୀୟ ଯୁବକ ରମେଶ ଚୌଧୁରୀ ଓ ଲୋକନାଥ ଚୌଧୁରୀଙ୍କ ସହାୟତାରେ ମହାପାତ୍ର ତାଙ୍କୁ ସେଠାରୁ ଉଦ୍ଧାର କରି ନିଜ ଗାଡିରେ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ଚିକିତ୍ସା ପରେ ଉପସ୍ଥିତ ଡାକ୍ତର ଯୁବକଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଠିକ ଥିବା କହିଛନ୍ତି। ଯୁବକ ଜଣକ ସାରିଆପୁଟ ଗ୍ରାମର ନରସିଂହ ଗୁଲେଲ ବୋଲି ଜଣାପଡିବା ପରେ ପରିବାର ତାଙ୍କ ଲୋକଙ୍କୁ ଖବର ଦିଆଯାଇ ଥିଲା। ଏସ୍‌ଡିପିଓ ମହାପାତ୍ରଙ୍କ ଏତାଦୃଶ କାର୍ଯ୍ୟଲାଗି ଡାକ୍ତର, ନରସିଂହଙ୍କ ପରିବାର ଲୋକଙ୍କ ସହ ସ୍ଥାନୀୟ ଗ୍ରାମବାସୀ ପ୍ରଶଂସା କରିଛନ୍ତି।



ଗୁରୁତର ଯୁବକଙ୍କୁ ଡାକ୍ତରଖାନାରେ ପହଞ୍ଚାଇଥିବା ଏସ୍‌ଡିପିଓ।

# ପାଣି କାଦୁଅରେ ରାଜ୍ୟ ରାଜପଥ ପାଲଟିଛି ମରଣଯନ୍ତା

ନନ୍ଦପୁର, ୪।୮ (ଶଙ୍କର ପୂଜାରୀ)

ଜୟପୁରରୁ ବିଶାଖାପାଟଣାକୁ ସଂଯୋଗ କରୁଥିବା ରାଜ୍ୟ ରାଜପଥ ମରଣଯନ୍ତା ପାଲଟିଛି। ନନ୍ଦପୁର ବ୍ଲକ ପାଡୁଆ ଓ ଚାଟୁଆ ମଝିରେ ଥିବା ଦୋରାଗୁଡ଼ା ବାଲିଘାଟ ନିକଟ ବୁଲାଣିରେ ପାଣି କାଦୁଅ ଜମି ରାସ୍ତାରେ ଯାତାୟାତ କରିବା କଷ୍ଟକର ହୋଇପଡୁଛି। ରାସ୍ତାର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷ ସବୁ ଦେଖି ଶୁଣି ଚୁପ୍ ରହୁଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ପଟ୍ଟାଙ୍ଗି ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ କୃଷ୍ଣଚନ୍ଦ୍ର ସାହୁଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ରାସ୍ତା କଡ଼ରେ ଥିବା ନଦୀର ବାଲି ସଇରାତରୁ ବାଲି ଉଠାଣ ଯୋଗୁ ରାସ୍ତାର ଏଭଳି ଅବସ୍ଥା ହୋଇଥିବା କହିଛନ୍ତି। ଗାଲଗାଣ୍ଡା-ଡୁରୁବା ବାଲି ସଇରାତରୁ ଦୈନିକ ବହୁ ଭାରିଯାନ ବାଲି ନେବାକୁ ଟ୍ରକ୍ ଓ ଟ୍ରାକ୍ଟର ନଦୀକୂଳକୁ ଆସୁଛନ୍ତି। ବାଲି ଧରି ଫେରିବା ସମୟରେ ଚକରେ ଲାଗିଥିବା କାଦୁଅ ରାସ୍ତା ଉପରେ ପଡୁଛି। ଫଳରେ ରାସ୍ତା କାଦୁଅ ହୋଇ ମରଣଯନ୍ତା ପାଲଟୁଛି। ଏହାର ସୁବ୍ୟବସ୍ଥା କରିବାକୁ ନନ୍ଦପୁର ତହସିଲ ଓ ପାଡୁଆ ଥାନା କର୍ତ୍ତୃପକ୍ଷଙ୍କୁ ଅବଗତ କରିଛୁ। ସେମାନେ ବାଲି ସଇରାତ ଲିଜ୍‌ଧାରୀ ଓ ଗାଡ଼ି ମାଲିକଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବେ ବୋଲି ସାହୁ କହିଛନ୍ତି।



ଖରାପ ହୋଇପଡିଥିବା ରାସ୍ତା।

# ୪ ଦିନ ହେଲା ଅନ୍ଧାରରେ ପ୍ରେମଖୋରୀ

## ଲଗାଣ ବର୍ଷାରେ ଭାଙ୍ଗିଯାଇଛି ବିଦ୍ୟୁତ୍ ଖୁଣ୍ଟ

ଖଜୁରୀପଡ଼ା,୪।୮(ବିଦୁର ବେହେରା):

ଲଗାଣ ବର୍ଷାରେ ଘର ଦୁଆରେ ପାଣି ପଶିବା ସହିତ ବିଦ୍ୟୁତ ଖୁଣ୍ଟ ସବୁ ଉପୁଡ଼ି ପଡିଛି। ଫଳରେ ୪ ଦିନ ବିତି ଯାଇଥିଲେ ସୁଦ୍ଧା ବିଦ୍ୟୁତ ସେବାରୁ ବଞ୍ଚିତ ହୋଇ ଅନ୍ଧକାର ଘେରରେ ଜୀବନ କାଟୁଛନ୍ତି ଗ୍ରାମବାସୀ। ବର୍ଷା ଦିନରେ ସାପ, ବେଙ୍ଗ, ସରୀସୃପ ଭୟ ଲାଗି ରହିଥିବା ବେଳେ ଗ୍ରାମବାସୀଙ୍କ ଡିବିରି ଆଲୁଅ ଭରସା ସାଜିଛି। ୨୪ ଘଣ୍ଟିଆ ଲଗାତାର ବର୍ଷାରେ ମଙ୍ଗଳବାର ରାତିରୁ ବିଦ୍ୟୁତ କଟିଯାଇଛି। ଭୀଷଣ ବର୍ଷା ଯୋଗୁଁ ବିଦ୍ୟୁତ ଖୁଣ୍ଟ ଉପୁଡ଼ିପଡ଼ିଛି। ତାହା ୪ ଦିନ ବିତି ଯାଇଥିଲେ ସୁଦ୍ଧା ମରାମତି କରାଯାଇ ନାହିଁ। ଫଳରେ ପ୍ରେମଖୋରୀ ଗ୍ରାମର ଲୋକମାନେ ଅନ୍ଧାରରେ ଜୀବନ କାଟୁଛନ୍ତି। ଏହି ସମସ୍ୟା ଦେଖିଲେ ବିଦ୍ୟୁତ ବିଭାଗର କାର୍ଯ୍ୟ ଦକ୍ଷତାକୁ ନେଇ ଅନେକ ପ୍ରଶ୍ନ ଉଠୁଛି। ତେଣୁ ବିଦ୍ୟୁତ ବିଭାଗ ଉପଖଣ୍ଡ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବା ନିତାନ୍ତ ଆବଶ୍ୟକ ହୋଇପଡିଛି।

# ସମସ୍ୟା ସମାଧାନ ପ୍ରତିଶ୍ରୁତି ଦେଲେ ଉପଜିଲାପାଳ

## ବିସ୍ଥାପିତ, ଜେକେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ନେଇ ବୈଠକ

ରାୟଗଡ଼ା,୪।୮(ଆଶିଷ ରଞ୍ଜନ ପଣ୍ଡା)

ଜେକେ ପେପର ମିଲ ୨୦୧୧ରେ ନୂତନ କାରଖାନା ସ୍ଥାପନ ସମୟରେ ବିସ୍ଥାପିତ ଓ ପେପର ମିଲ୍ ମଧ୍ୟରେ ହୋଇଥିବା ଏମ୍ଓୟୁର ବିଭିନ୍ନ ପ୍ରତଶ୍ରୁତି ପୂରଣ ନେଇ ଶୁକ୍ରବାର ରାୟଗଡ଼ା ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ଭୀମସେନ ଶବରଙ୍କ ଅଧକ୍ଷତାରେ ଚାନ୍ଦିଲି ପଞ୍ଚାୟତ ବଡ଼ ଚାନ୍ଦିଲି ଓ ସାନ ଚାନ୍ଦିଲି ଗ୍ରାମବାସୀ ଏବଂ ଜେକେ ପେପର ମିଲ କର୍ତ୍ତୃପକ୍ଷ ଯୋଗ ଦେଇଥିଲେ । ଜେକେ ପେପର ମିଲ୍ ମହାପ୍ରବନ୍ଧକ ସନ୍ଦୀପ ପାଣ୍ଡେ, ଲୋକ ସମ୍ପର୍କ ଅଧିକାରୀ ସ୍ମୃତିରେଖା କର ଏବଂ ଅତିରିକ୍ତ ଲୋକ ସମ୍ପର୍କ ଅଧିକାରୀ ମିଲନ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ ।

ପ୍ରକାଶ ଯେ, ଜେକେ ପେପର ମିଲ ସ୍ଥାପନ ବେଳେ ବଡ଼ ଚାନ୍ଦିଲି ଓ ସାନ ଚାନ୍ଦିଲି ଗ୍ରାମର ବହୁ ଜମି ଅଧିଗ୍ରହଣ ହୋଇଥିଲା। ତେବେ ଜମି ଅଧିଗ୍ରହଣ ସମୟରେ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବିକାଶ ଓ ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି ନେଇ କମ୍ପାନୀ ପ୍ରତିଶ୍ରୁତି ଦେଇଥିଲା। ତେବେ ପ୍ରତିଶ୍ରୁତିରେ ମାତ୍ର ୧୦ ପ୍ରତିଶତ ପୂରଣ କରି ବଳକା ପୂରଣ କରୁନଥିବା ଚାନ୍ଦିଲି ଗ୍ରାମର ବସନ୍ତ ପେଦେଣ୍ଟି କହିଛନ୍ତି । ଏଭଳିକି କମ୍ପାନୀ ଅଞ୍ଚଳର ଶିକ୍ଷିତ ଯୁବତୀଯୁବକଙ୍କୁ ନିଯୁକ୍ତି ବଦଳରେ ବାହାର ଅଞ୍ଚଳର ଯୁବତୀଯୁବକଙ୍କୁ ନିଯୁକ୍ତି ଦେଉଛି । ଏନେଇ ସେମାନେ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ବହୁବାର ଆଲୋଚନା କରି ବିଫଳ ହେବା ପରେ ଗତ ମାସରେ ଜିଲାପାଳ ସ୍ୱାଧାଦେବ ସିଂ ସମସ୍ୟା ସମାଧାନ ପାଇଁ ଅନୁରୋଧ କରଥିଲେ। ତେଣୁ ଜିଲାପାଳ ସିଂ କମ୍ପାନୀ କର୍ତ୍ତୃପକ୍ଷ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ବୈଠକ ଡାକି ଆପୋଷ ମାଧ୍ୟମରେ ଆଲୋଚନା କରି ସମାଧାନ କରିବାକୁ ଉପଜିଲାପାଳ ଶବରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜେକେ ପେପର ମିଲ କମ୍ପାନୀ ମହାପ୍ରବନ୍ଧକ ସନ୍ଦୀପ ପାଣ୍ଡେ ଓ ଲୋକ ସମ୍ପର୍କ ଅଧିକାରୀ ସ୍ମୃତିରେଖାଙ୍କ ଉପସ୍ଥିତିରେ ଉପଜିଲାପାଳ ଶବର ଗ୍ରାମବାସୀଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନ ପୂର୍ବକ ବୁଝାଶୁଝା କରିଥିଲେ।

ଉପଜିଲାପାଳ ଶବର ଜିଲାପାଳଙ୍କ ସହ ଆଲୋଚନା ପରେ ଅଞ୍ଚଳ ପରିଦର୍ଶନ କରି ସମସ୍ୟା ସମାଧାନ କରିବେ ବୋଲି କହିଥିଲେ। ଅପରପକ୍ଷେ ଜେକେ ପେପର ମିଲ ମହାପ୍ରବନ୍ଧକ ସନ୍ଦୀପ ପାଣ୍ଡେ କହିଛନ୍ତି, କମ୍ପାନୀ ସବୁବେଳେ ଅଞ୍ଚଳବାସୀଙ୍କ ହିତ ପାଇଁ ବିଭିନ୍ନ ସହଯୋଗ କରି ଆସୁଛି। ଆଗକୁ ମଧ୍ୟ ଏହା ଜାରି ରହିବ । ଯଦି କମ୍ପାନୀ ଦାବି ପୂରଣ ନ କରେ ଆଗାମୀ ଦିନରେ ଅଞ୍ଚଳବାସୀ କମ୍ପାନୀ ସମ୍ମୁଖରେ ଧାରଣା ଦେବେ ବୋଲି କହିଛନ୍ତି। ଶାନ୍ତି ଶୃଙ୍ଖଳା ଦୃଷ୍ଟିରୁ ରାୟଗଡ଼ା ନୂତନ ଏସ୍‌ଡିପିଓ ଆର.ସେନାପତି ବୈଠକରେ ଉପସ୍ଥିତ ଥିଲେ ।


ବୈଠକରେ ଉପଜିଲାପାଳ ବଡ଼ ଚାନ୍ଦିଲି ଓ ସାନ ଚାନ୍ଦିଲି ଗ୍ରାମବାସୀ, ଜେକେ ପେପର ମିଲ୍ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରୁଛନ୍ତି ।

# ୬୮ ହିତାଧିକାରୀଙ୍କୁ ମଧୁବାବୁ ପେନ୍‌ସନ ବଣ୍ଟନ

ପଦ୍ମପୁର,୪।୮(ପ୍ରଶାନ୍ତ କର)

ରାୟଗଡ଼ା ଜିଲା ପଦ୍ମପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ୬୮ ହିତାଧିକାରୀଙ୍କୁ ଶୁକ୍ରବାର ମଧୁବାବୁ ନୂତନ ପେନସନ ବଣ୍ଟନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ମଣିମାଳା ଶବର, ଉପାଧ୍ୟକ୍ଷ ରମେଶ ସାହୁ, ପଦ୍ମପୁର ସରପଞ୍ଚ ପ୍ରକାଶ କଣ୍ଡାଗିରି, ଖମାପଦର ସରପଞ୍ଚ କେଶରୀ ଶବର ଓ ଜିଲା ପରିଷଦ 'କ' ଜୋନ୍‌ର ଡର୍ଗିନ୍ ଶବର, ଖମାପଦର ପଞ୍ଚାୟତ ନିର୍ବାହୀ ଅଧିକାରୀ ଶ୍ୟାମସୁନ୍ଦର ପାଣିଗ୍ରାହୀ, ପଦ୍ମପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ ମିନକେତନ ପଣ୍ଡା ଏବଂ ପଦ୍ମପୁର ବିଡିଓ ରୀନା ପ୍ରଧାନ ଓ ଗ୍ରାମ ସେବକ ଉପସ୍ଥିତ ଥିଲେ। ୬୮ ମଧୁବାବୁ ନୂତନ ପେନସନରୁ ପଦ୍ମପୁର ପଞ୍ଚାୟତର ୪୨ ଓ ଖମାପଦର ୧୬ ଖିଲାପଦର୍ ୧୦ଟି ନୂତନ ପେନସନ ବଣ୍ଟନ କରାଯାଇଥିଲା।



ହିତାଧିକାରୀଙ୍କୁ ପେନ୍‌ସନ ବଣ୍ଟନ କରାଯାଉଛି ।

# ସହର ସାରା ବାଜିବ ରାମଧୂନ୍

## ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

ଉମରକୋଟ, ୪।୮ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ସହର କୋଣ୍ଡାଗାଁ ରୋଡ଼ସ୍ଥିତ କଲ୍ୟାଣ ମଣ୍ଡପରେ ଉପଖଣ୍ଡସ୍ତରୀୟ ୭୭ତମ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉମରକୋଟ ତହସିଲଦାର ତୁଳା ମୁଦୁଲିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ରଷି ମାଝି, ପୋଲିସ ଏସ୍‌ଡିପିଓ ଶୁଭେନ୍ଦୁ କୁମାର ଶବର, ସବ୍‌ଇନ୍ସପେକ୍ଟର ନୀଳିମା ପାଣିଗ୍ରାହୀ, ଆଇନଜୀବୀ ଶ୍ରୀନିବାସ ପଟ୍ଟନାୟକ, କାଉନସିଲର ମୁନା ପାଢ଼ୀ ପ୍ରମୁଖ ମଞ୍ଚାସୀନ ଥିଲେ। ବିଭିନ୍ନ ବିଦ୍ୟାଳୟ ଓ ଅନୁଷ୍ଠାନର ପ୍ରତିନିଧି, ଖବରଦାତା ଓ ସହରର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଚନ୍ଦନା ମଲ୍ଲିକ ଅତିଥି ପରିଚୟ ଦେଇଥିଲେ। ରାଜସ୍ୱ ନିରୀକ୍ଷକ ଶିବାନନ୍ଦ ରାଉତ ସ୍ୱାଧୀନତା ଦିନସ ଦିନ ହେବାକୁ ଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଉପସ୍ଥିତ ସମସ୍ତ ଅନୁଷ୍ଠାନର ପ୍ରତିନିଧିଙ୍କୁ ଅବଗତ କରିଥିଲେ। ମୁଖ୍ୟ ଅତିଥିଭାବେ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ତହସିଲଦାର କାର୍ଯ୍ୟକ୍ରମ ପରିଚାଳନା କରିବେ। ସକାଳ ୫ଘଣ୍ଟାରେ ପ୍ରଚାର ଗାଡ଼ି ସହର ସାରା ବୁଲି ରାମଧୂନ ପରିବେଷଣ କରିବ। ସହରରେ ଥିବା ସମସ୍ତ ସ୍ୱାଧୀନତା ସଂଗ୍ରାମୀ ଓ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ଡିଏନ୍‌କେ ଖେଳ ପଡ଼ିଆରେ ସକାଳ ୮.୪୫ରେ ପତାକା ଉତ୍ତୋଳନ ହେବ। ଏହି ଅବସରରେ ୨୩ ବିଦ୍ୟାଳୟ ଓ ମହାବିଦ୍ୟାଳୟର ପିଲାମାନେ ପରେଡ୍ କରିବେ। ପିଲାଙ୍କ ମଧ୍ୟରେ ଚିତ୍ରାଙ୍କନ, ବକ୍ତୃତା, ଗୀତ, ସାଧାରଣଜ୍ଞାନ ପ୍ରତିଯୋଗିତା କରାଯିବ। କୃତୀ ପ୍ରତିଯୋଗୀଙ୍କୁ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ। ୧୩ ତାରିଖ ଦିନ ସରକାରୀ ଓ ବେସରକାରୀ କ୍ରୀଡ଼ାପ୍ରେମୀଙ୍କୁ ନେଇ ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ ମ୍ୟାଚ ଆୟୋଜନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହେଇଛି।


ବୈଠକରେ ଯୋଗଦେଇଥିବା ଲୋକେ।

# ଝୋଡ଼ିଆସାହିରେ ପହଞ୍ଚିଲେ 'ହୁ' ପ୍ରତିନିଧି

ଟିକିରି, ୪।୮(ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡା ଜିଲା କାଶୀପୁର ବ୍ଲକ ଟିକିରି ଝୋଡିଆ ସାହିକୁ ଶୁକ୍ରବାର 'ହୁ'ର ଅଧିକାରୀମାନେ ପରିଦର୍ଶନ କରିବା ସହ ଲୋକଙ୍କୁ ସଚେତନ କରିଥିଲେ। ପୂର୍ବ ବର୍ଷ ଯେପରି ଝାଡାବାନ୍ତି ହୋଇ ବହୁ ଲୋକଙ୍କ ଜୀବନ ଯାଇଥିଲା ସେପରି ଯେଭଳି ନ ଘଟୁ। ଏବେ କିଛି ଦିନହେବ କାଶୀପୁରରେ ବର୍ଷା ଲାଗି ରହିଛି। ଗତ ଦୁଇ ଦିନ ତଳେ ଯେପରି ଝାଡାବାନ୍ତି ନ ବ୍ୟାପିବା ପାଇଁ ସାମାଜିକ କର୍ମୀ ହରପ୍ରସାଦ ନାୟକ ଲୋକଙ୍କୁ ସଚେତନ କରିବା ସହ ବ୍ଲିଚିଙ୍ଗ୍ ସାହି ଓ ରାସ୍ତାରେ ପକାଇବା ଖବର ବିଭିନ୍ନ ଗଣ ମାଧ୍ୟମରେ ପ୍ରକାଶ ପାଇଥିଲା। 'ହୁ'ରାୟଗଡାରୁ ମମତା ଚୈଧୁରୀ, ଜ୍ଞାନ ସାହୁଙ୍କ ସହ କାଶୀପୁର ମେଡିକାଲ ଇନ୍‌ଚାର୍ଜ ନେତ୍ରାନନ୍ଦ ନାୟକ ପହଞ୍ଚି ଗାଁରେ ବୁଲି ଲୋକଙ୍କୁ ସଚେତନ କରିଥିଲେ।


'ହୁ' ପ୍ରତିନିଧି ଲୋକଙ୍କୁ ସଚେତନ କରୁଛନ୍ତି ।

# ପ୍ରଚାର ରଥ ଶୁଭାରମ୍ଭ କଲେ ମନ୍ତ୍ରୀ

## ବିଶ୍ୱ ଆଦିବାସୀ ଦିବସ ଉପଲକ୍ଷେ

ରାୟଗଡା,୪।୮ (ଭାଗ୍ୟଶ୍ରୀ ମିଶ୍ର/ଆଶିଷ ରଞ୍ଜନ ପଣ୍ଡା )

ଆସନ୍ତା ବୁଧବାର ବିଶ୍ୱ ଆଦିବାସୀ ଦିବସ। ସେଥିପାଇଁ ଶୁକ୍ରବାର ଆଦିବାସୀ ସମାଜ ପକ୍ଷରୁ ସଚେତନତାର ଏକ ରଥର ଶୁଭାରମ୍ଭ କରାଯାଇଛି । ଅନୁସୂଚିତ ଜାତି ଜନ ଜାତି ସଂଖ୍ୟା ଲଘୁ ସମ୍ପ୍ରଦାୟ ମନ୍ତ୍ରୀ ଜଗନାଥ ସାରକା ଏହି ରଥକୁ ଶୁଭାରମ୍ଭ କରିଥିଲେ। ରାୟଗଡାର ଅଧିଷ୍ଠାତ୍ରୀ ଦେବି ମା'ମଝି ଘରିଆଣିଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ରଥର ଶୁଭାରମ୍ଭ କରାଯାଇଛି। ଗ୍ରାମାଞ୍ଚଳରୁ ଆରମ୍ଭ କରି ସହରାଞ୍ଚଳରେ ଆଦିବାସୀ ସଭ୍ୟତା ସଂସ୍କୃତିକୁ ଲୋକଲୋଚନକୁ ଆଣି ବିଶ୍ୱ ଦରବାରରେ ଆଦିବାସୀଙ୍କୁ ପରିଚିତ କରାଇବା ଲାଗି ଏହି ରଥର ଶୁଭାରମ୍ଭ କରାଯାଇଛି। ଏହି ରଥ ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ କୋଲନରା, କଲ୍ୟାଣ ସିଂପୁର, କାଶୀପୁର ଓ ରାୟଗଡା ସହର ସମେତ ଆଖ ପାଖ ଅଞ୍ଚଳ ବୁଲି ଲୋକଙ୍କୁ ସଚେତନ କରିବ ବୋଲି ଜଣାପଡିଛି। ବିଶ୍ୱ ଆଦିବାସୀ ଦିବସ ସ୍ଥାନୀୟ ଜିସିଡ଼ି ଖେଳ ପଡିଆରେ ପାଳନ କରାଯିବ। ସେଥିରେ ସମସ୍ତେ ଯୋଗଦେବାକୁ ମନ୍ତ୍ରୀ କହିଛନ୍ତି । କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷା ଅନୁସୟା ମାଝି, ଆଦିବାସୀ ନେତା ଆପଲସ୍ୱାମୀ କାଡରାକା,ପଞ୍ଚାୟତ ସମିତି ଉପାଧକ୍ଷା ହର ପ୍ରସାଦ ହେପୃକା, ପୂର୍ବତନ ଜିଲା ପରିଷଦ ଅଧକ୍ଷ ଗଙ୍ଗାଧର ପୁଆଲା, ଦୁର୍ଗା ମଣ୍ଡାଙ୍ଗି, ପ୍ରତାପ ପୁଆଲା, ପପୁ ମାଝି, ମାଢ଼ ରାଓ କଣ୍ଡାଗରୀ, ଚନ୍ଦ୍ର ଶେଖର ବିଡ଼ିକା, ଅଙ୍ଗଡ଼ା କୁଟରୁକା, ବେଣୁଧର ଚୌଧୁରୀ ଓ ଯୋଗେଶ୍ ପେଦେଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ ।


ପ୍ରଚାର ରଥକୁ ମନ୍ତ୍ରୀ ଶୁଭାରମ୍ଭ କରୁଛନ୍ତି ।

# କାଠ ଚୋରା ଚାଲାଣ ବେଳେ ଚଢ଼ାଉ, ଜଣେ ଗିରଫ

ଜୟପୁର,୪।୮ (ପବନ ପାଣିଗ୍ରାହୀ )

ଚୋରା କାଠ ଚାଲାଣ ବେଳେ ଜୟପୁର ବନାଞ୍ଚଳ ପକ୍ଷରୁ ଚଢାଉ କରାଯାଇ କାଠ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଜଣଙ୍କୁ ଗିରଫ କରାଯାଇଛି। ସେ ହେଲେ ଫାମ୍ପୁଣିର ଗୋପାଳ ବିଶ୍ୱାଳ। ଚୋରା କାଠ ଚାଲାଣ ହେଉଥିବା ନେଇ ଖବର ପାଇ ବିଭାଗୀୟ କର୍ମଚାରୀମାନେ ଗାଗନାପୁର ଗ୍ରାମ ନିକଟରେ ଜଗି ରହିଥିଲେ। ଏକ ପିକଅପ୍ ଭ୍ୟାନ ଆସିବାରୁ ଏହାକୁ ଅଟକାଇ ଯାଞ୍ଚ କରିଥିଲେ। ସେଥିରୁ ୨୦ଟି ସାଇଜ୍ ଶାଳକାଠ ମିଳିଥିଲା। କାଠସହ ପିକଅପ ଭ୍ୟାନକୁ ଜବତ କରାଯାଇଛି। ଏହି କାଠ ଫାମ୍ପୁଣିରୁ ଜୟପୁର ସହରକୁ ଆସୁଥିଲା। ଜବତ କାଠର ମୂଲ୍ୟ ୨୫ ହଜାର ଟଙ୍କା ହେବ ବୋଲି ବନାଞ୍ଚଳ ଅଧିକାରୀ ସଚ୍ଚିଦା ନନ୍ଦ ପରିଡା କହିଛନ୍ତି। ଚଢାଉରେ ଫରେଷ୍ଟର ସୁଶୀଳ ମହାନ୍ତି, ଫରେଷ୍ଟ ଗାର୍ଡ ଅନିଲ ଦାସ ସାମିଲ ହୋଇଥିଲେ।



# ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା


ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଉଛି ।

ମୁନିଗୁଡ଼ା,୪।୮(ରାଧେଶ୍ୟାମ ଅଗ୍ରୱାଲ)

ଜଣେ ଛାତ୍ର ବତ୍ସଳ ଓ ମେଳାପୀ କାର୍ଯ୍ୟବ୍ୟ ନିଷ୍ଠ ଭାବେ ଜଣାଶୁଣା ବରିଷ୍ଠ ଶିକ୍ଷକ ଦେବେନ୍ଦ୍ର କୁମାର ବେହେରାଙ୍କୁ ରାୟଗଡା ଜିଲା ମୁନିଗୁଡା ବ୍ଲକ ରେଳବାଇ କଲୋନୀ ପ୍ରାଥମିକ ବିଦ୍ୟାଳୟ ତରଫରୁ ଶୁକ୍ରବାର ଅବସର କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ନିଜ ୪୧ ବର୍ଷ ଶିକ୍ଷକତା ଭିତରେ ମୁନିଗୁଡା ବ୍ଲକର ବିଭିନ୍ନ ବିଦ୍ୟାଳୟରେ ସେ ଶିକ୍ଷକତା କରିଥିବା ବେଳେ ଶିକ୍ଷକ ସମାଜ ପାଇଁ ନିଜକୁ ଉତ୍ସର୍ଗୀକୃତ ଶିକ୍ଷକ ଭାବେ ନିଜର ପରିଚୟ ସୃଷ୍ଟି କରିଥିବା ଦେବେନ୍ଦ୍ର ମୁନିଗୁଡା ରେଳବାଇ କଲୋନୀ ପ୍ରାଥମିକ ବିଦ୍ୟାଳୟରୁ ସେ ଅବସର ଗ୍ରହଣ କରିଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ସଚଳା ଗୌଡ଼ଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବ୍ଲକ ଶିକ୍ଷାଧିକାରୀ ଭାସ୍କର ରାଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ପ୍ରସନ୍ନ ପାତ୍ର, ସିଆରସିସି ବିଷ୍ଣୁପ୍ରିୟ ସାହୁକାର, ମୁନିଗୁଡା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦୁଷ୍ମନ୍ତ କୁମାର ମାଝି ସମ୍ମିନିତ ଅତିଥି, ଅବସରପ୍ରାପ୍ତ ଶିକ୍ଷକ ବିଦ୍ୟାଧର ଦାସ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଶିକ୍ଷକ ପ୍ରବୀର ଲିମା, ଶିକ୍ଷକ ପ୍ରମୋଦ ପଣ୍ଡା, ତ୍ରିନାଥ ସାହୁ ବେହେରାଙ୍କ କର୍ତ୍ତବ୍ୟନିଷ୍ଠା ଉପରେ କହିଥିଲେ। ସୁବାଷ ଖୁରା ସଭା ପରିଚାଳନା କରିଥିଲେ। ଏହି ଅବସରରେ ବିଦାୟୀ ଶିକ୍ଷକ ଦେବେନ୍ଦ୍ରଙ୍କୁ ଉପଢୌକନ ସହ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ୧୭୯୮୭ ହେକ୍ଟର ଜମିରେ ଫସଲ ଉତ୍ପାଦନ ଲକ୍ଷ୍ୟ

ମୁନିଗୁଡ଼ା, ୪।୮(ରାଧେଶ୍ୟାମ ଅଗ୍ରୱାଲ)

ଚଳିତ ଖରିବ ଋତୁରେ ରାୟଗଡା ଜିଲା ମୁନିଗୁଡା ବ୍ଲକରେ ୧୭୯୮୭ ହେକ୍ଟର ଜମିରେ ଚାଷ ଉତ୍ପାଦନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏ ନେଇ ଜିଲା କୃଷି ପରାମର୍ଶ କେନ୍ଦ୍ର କୃଷି ଅଧିକାରୀ ଚିତ୍ତରଞ୍ଜନ ଶତପଥୀ ସୂଚନା ଦେଇଛନ୍ତି। ଧାନ ଚାଷପାଇଁ ୨୫୪୦ହେକ୍ଟର ଓ ଅଣଧାନ ପାଇଁ ୧୫୧୯୭ ହେକ୍ଟର ଜମି ପ୍ରସ୍ତୁତ କରାଯାଇଥିବା ସେ କହିଛନ୍ତି। ଜଳସେଚିତ ୬୪୦୦ ହେକ୍ଟର ଚାଷ ଜମିରେ ପୂର୍ବରୁ ଧାନ ଓ ଅନ୍ୟ ଚାଷ ହେଉଛି। ଚଳିତ ବର୍ଷ ବିଭାଗ ପକ୍ଷରୁ ୨୬୪୦ହେକ୍ଟର ଜମିରେ ସହଳ ଅର୍ଥକାରୀ ଫସଲ କରିବା ପ୍ରସ୍ତୁତି ଉପରେ ଜୋର ଦିଆଯାଇଛି। ଗତବର୍ଷ ମୁନିଗୁଡ଼ାରେ ୫୧୮୦ହେକ୍ଟର ଜମିରେ ଧାନ ଚାଷ ହେଉଥିବାବେଳେ ଚଳିତ ବର୍ଷ ମାତ୍ର ୨୫୪୦ହେକ୍ଟର ଜମିରେ ଧାନ ଚାଷ ଲକ୍ଷ ଧାର୍ଯ୍ୟ ହୋଇଛି। ଚାଷୀଙ୍କ ମଧ୍ୟରେ ଧାନ ବଦଳରେ ରାଜ୍ୟର ଆବଶ୍ୟକତା ଅନୁଯାୟୀ ଅନ୍ୟ ଅର୍ଥକାରୀ ଫସଲ ଚାଷ ନିମନ୍ତେ ଆଗ୍ରହ ସୃଷ୍ଟି କରାଯାଇ ସେମାନଙ୍କ ଆୟ ଦ୍ୱିଗୁଣିତ କରିବା ଲକ୍ଷ୍ୟ ରଖାଯାଇଛି ବୋଲି ବ୍ଲକ କୃଷି ଅଧିକାରୀ ଯଜ୍ଞଦତ୍ତ ସେଠୀ କହିଛନ୍ତି। ଚଳିତ ବର୍ଷ ମୁନିଗୁଡା ବ୍ଲକର ୨୫୫୦ ହେକ୍ଟର ଜମିରେ ଡାଲି ଜାତୀୟ ଭୟରବଗଡ଼, ରଘୁବାରି, ଜଗଦଲପୁର, ଶିବପଦର, ରାଣୀପିଣ୍ଡା ପଞ୍ଚାୟତର ଡ଼ିପ ଜମି ପ୍ରସ୍ତୁତ କରାଯାଇଛି। ତୈଳବୀଜ ଚାଷ ପାଇଁ ୧୯୦୦ହେକ୍ଟର ଜମି ପ୍ରସ୍ତୁତ ରହିଛି। କପା ଚାଷ ପାଇଁ ୩୪୮୨, ମାଣ୍ଡିଆ ପାଇଁ ୩୪୩୦, ମକା ପାଇଁ ୭୦୦ହେକ୍ଟର ଜମି ପ୍ରସ୍ତୁତ କରାଯାଇଛି। ଜହ୍ନା ୧୬୦ ଏକର, ସୁଆଁ,ବାଜରା, କୋଷଲା ୫୩୦ହେକ୍ଟର, ମେସ୍ତା ପାଇଁ ୧୦ହେକ୍ଟର, ଫାଇବର କ୍ରପ ସନ୍ ହ୍ୟାମ ଚାଷ ପାଇଁ ୬୫ହେକ୍ଟର, ପନିପରିବା ଚାଷ ପାଇଁ ୧୭୨୦ହେକ୍ଟର, ଆଖୁ ପାଇଁ ୨୦୦, ଫଳ ଓ ଅନ୍ୟ ଉଦ୍ୟାନ ଚାଷ ପାଇଁ ବଳକା ଜମିକୁ ପ୍ରସ୍ତୁତ କରାଯାଇଛି। ଓଡ଼ିଶା ରାଜ୍ୟ ବିହନ ନିଗମ ଓ ସରକାରୀ ସ୍ୱୀକୃତିପ୍ରାପ୍ତ ବିହନ ଯୋଗାଣ ସଂସ୍ଥା ପକ୍ଷରୁ ୨ଟି ଲ୍ୟାମ୍ପସ ଓ ମୁନିଗୁଡ଼ାରେ ୧୩ଜଣ ଡିଲରଙ୍କଠାରୁ ଚାଷୀଙ୍କୁ ଟଙ୍କା ଦେଇ ବିହନ କିଣିବେ। ଏହାପରେ ସରକାରୀ ନିୟମାନୁଯାୟୀ ସବ୍‌ସିଡି ଟଙ୍କା ଚାଷୀଙ୍କ ଆକାଉଣ୍ଟକୁ ଯିବ। ଡିଲର ୪୫୦ ମେଟ୍ରିକ ଟନ ୟୁରିଆ, ୧୩୧ମେଟ୍ରିକ ଟନ ପଟାସ, ୨୧୯ ମେଟ୍ରିକ ଟନ ଡିଏପି, ୪୦୦ ମେଟ୍ରିକ ଟନ ଟୋଣ୍ଟିଟୋଣ୍ଟି ସାର, ୧୩୧ମେଟ୍ରିକ ଟନ ଏମ୍ଓପି,୧୩ ମେଟ୍ରିକ୍ ଟନ୍ ଏସ୍ଏସ୍‌ପି,ଆବଶ୍ୟକ ନାନୋ ଲିକ୍ୟୁଡ଼ି ସହ ଅନ୍ୟ କିଷମର ୪୩ମେଟ୍ରିକ୍ ଟନ୍ ସାର୍ ଓ କୀଟନାଶକ ଡିଲର ଚାଷୀଙ୍କୁ ବିକ୍ରୀ କରିବେ। ମୁନିଗୁଡା ବ୍ଲକ ପାଇଁ ଯୋଗାଇ ଦିଆଯାଉଥିବା ୟୁରିଆ ପର୍ଯ୍ୟାପ୍ତ ନୁହେଁ ବୋଲି ଚାଷୀ ଅଭିଯୋଗ କରିଛନ୍ତି। ସମ୍ପୂର୍ଣ୍ଣ ଅର୍ଥ ପୈଠ କରି ବିହନ ସାର କିଣିବା ସମ୍ଭବ ହେଉନାହିଁ। ସବସିଡି ଛାଡ଼ ପରର ମୂଲ୍ୟ ନେଲେ ଠିକ୍ ହୁଅନ୍ତା ବୋଲି ସେମାନେ କହିଛନ୍ତି।

ମୁନିଗୁଡାକୁ ଆବଶ୍ୟକ ୬୫୦ କୁଇଣ୍ଟାଲ ଧାନ ବିହନ ମଧ୍ୟରୁ ୧୦୦୧, ୧୦୧୦, ଲଲାଟ, ବିଣା ନବୀନ, ପ୍ରତୀକ୍ଷା, ଆରଜିଏଲ୍-୨୫୩୬/୨୫୩୮, ଡିଆର୍‌ଆର ୩୯-୪୧ କିସମର ଧାନ ବିହନ ଯୋଗାଇବାର ବ୍ୟବସ୍ଥା ହୋଇଥିଲେ ମଧ୍ୟ ପୂଜା ବିହନ ଅଧିକାଂଶ ଚାଷୀଙ୍କ ପସନ୍ଦ। ସାର କଳା ବଜାର ଅଭିଯୋଗ ଆସିଲେ କୃଷି ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ସ୍କ୍ୱାର୍ଡ ଘଟଣାର ତଦନ୍ତ କରିବା ସହ ଅସାଧୁ କାର୍ଯ୍ୟ ନେଇ ପ୍ରମାଣ ମିଳିଲେ ବିଭାଗ ପକ୍ଷରୁ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଆଯିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ଚଳିତ ଖରିପ ଋତୁରେ ଆବଶ୍ୟକ ବିହନ,ସାର, କୀଟନାଶକ, ଯନ୍ତ୍ରାଂଶ, ବୈଷୟିକ ପରାମର୍ଶ ଓ ସହଯୋଗ ଠିକ ସମୟରେ ମିଳିଲେ ଭଲ ଫସଲ ହେବ ବୋଲି ଚାଷୀ ବୁଦ୍ଧିଆ ଗୌଡ଼, ମୀନକେତନ ଗୌଡ଼, ଶଙ୍କର ରାଓ, ପ୍ରସାଦ ଗୌଡ଼, ବୁଡୁ ରାଓ, ଚତୁର୍ଭୁଜ ବଞ୍ଛର,ରାଜେଶ ସାହୁକାର, ପଦ୍ମଚରଣ ବେହେରା, ଲାଡ଼ିଶଙ୍କର ରାଓ, ସୁଦାମ କାଶୀ, ଚନ୍ଦ୍ର କାଶୀ, ଧର୍ଯ୍ୟ ବାଗ, ରୁଦ୍ରପ୍ରସାଦ ମୁଗୁଲୀ କହିଛନ୍ତି।



